

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୧ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 MAY 2023

Vol.No. 34 ■ No. 114 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଗୁଇନ୍ଦା ବିଭାଗ ଚିଠିକୁ ନେଇ ତେଜିଲା ରାଜନୀତି



ସମ୍ବଲପୁର, ୩୦/୦୪: (ନି.ପ୍ର) ସମ୍ବଲପୁରରେ କର୍ଫ୍ୟୁ ହଟିଯାଇଛି, ସହରରେ ଶାନ୍ତି ଫେରି ଆସୁଛି, କିନ୍ତୁ ହନୁମାନ ଜୟନ୍ତୀ ଅବସରରେ ଘଟିଥିବା ହିଂସାକୁ ନେଇ ରାଜନୀତି ଥମିବାର ନାଁ ନେଉନି । ଏବେ ସମ୍ବଲପୁର ଏସପି ଓ ରାଜ୍ୟ ସରକାରଙ୍କୁ ଗୁଇନ୍ଦା ବିଭାଗ ଆଗୁଆ ସତର୍କ କରିଥିଲେ ବି କାହିଁକି ହିଂସା ରୋକା ଯାଇ ପାରିଲାନି, ଏ ନେଇ ସରକାରଙ୍କୁ ଘେରିଛନ୍ତି ଉଭୟ ବିଜେପି ଓ କଂଗ୍ରେସ । ଗୃହ ବିଭାଗର ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ରହିଥିବାରୁ ଘଟଣା ପାଇଁ ତାଙ୍କୁ ଦାୟୀ କରାଯିବା କଥା ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସେ ପ୍ରଶ୍ନ କରିଛନ୍ତି – ଗୁଇନ୍ଦା ବିଭାଗ ସତର୍କ କରିଥିବା ସତ୍ତ୍ୱେ କାହିଁକି ହିଂସାକୁ ରୋକା ଯାଇପାରିଲାନି? ଘଟଣାର ୪୮ ଘଂଟା ଭିତରେ ଅପରାଧୀଙ୍କୁ ଧରିବାରେ କାହିଁକି ଫେଲ୍ ମାରିଲା ପ୍ରଶାସନ? ସେପଟେ କଂଗ୍ରେସ ଏହାକୁ ପ୍ରାୟୋଜିତ ଦଙ୍ଗା ବୋଲି ଆକ୍ଷେପ କରିଛି । କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି – ଦିନକ ପୂର୍ବରୁ ଗୁଇନ୍ଦା ବିଭାଗ ସମ୍ଭାବ୍ୟ ହିଂସା ନେଇ ସତର୍କ କରାଇଥିଲେ । କେନ୍ଦ୍ର ସରକାର କେବଳ ଆଡଭାଇଜରୀ ଜାରି କରି ଚୁପ୍ ହୋଇ ବସିଥିଲେ । ଘଟଣା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ । ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛି ବିଜେଡି । ବିଧାୟକ ଶଶୀ ଭୂଷଣ ବେହେରା କହିଛନ୍ତି –ନବୀନ ପଟ୍ଟନାୟକଙ୍କ ସରକାରର ମୂଳମନ୍ତ୍ର ହେଉଛି ସାମ୍ପ୍ରଦାୟିକ ସଦଭାବ । ଏହାକୁ ପଣ୍ଡ କରିବାକୁ କେହି ଚକ୍ରାନ୍ତ କଲେ ଓଡ଼ିଶାର ଜନସାଧାରଣ ଜବାବ ଦେବ । ହିଂସାକାଣ୍ଡର ଦିନକ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୧୧ ତାରିଖରେ ଗୁଇନ୍ଦା ବିଭାଗ ସମ୍ବଲପୁର ଏସପିଙ୍କୁ ଦେଇଥିଲେ ଚିଠି । ୧୨ ତାରିଖ ଅପରାହ୍ଣ ୩ଟାରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବିଶାଳ ବାଇକ ରାଲି ନେଇ ସୂଚନା ଦିଆଯାଇଥିଲା ।

▶▶ପୃଷ୍ଠା ୭


DADLS-13



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବ କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0038/2324


# ମନ୍ କି ବାତ୍ ଦେଶ ଓ ଦେଶବାସୀଙ୍କ ପ୍ରତି ସମର୍ପିତ ଏକ ଅନନ୍ୟ କାର୍ଯ୍ୟକ୍ରମ: ରାଜ୍ୟପାଳ




ଭୁବନେଶ୍ୱର, ୩୦/୦୪ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ଏକ ଅନନ୍ୟ କାର୍ଯ୍ୟକ୍ରମ । ଏହା ଦେଶ ଓ ଦେଶବାସୀଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ । ଶହେତମ ଅଧ୍ୟାୟରେ ପହଂଚିଥିବା 'ମନ୍ କି ବାତ୍' ଜରିଆରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରର ପ୍ରଧାନ ସେବକ ଭାବେ ନିଜର ବିଚାର, ଚିନ୍ତାଧାରା, ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କୋଟି କୋଟି ଭାରତୀୟଙ୍କ ସହିତ ଯୋଡ଼ି ହୋଇଯାଇଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ରବିବାର ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ପ୍ରସାର ଭାରତୀ, ପତ୍ର ସୂଚନା ବ୍ୟୁରୋ କାର୍ଯ୍ୟାଳୟ ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ଶହେତମ ଅଧ୍ୟାୟ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ପ୍ରସାରଣ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସର୍ବଦା ଜନସାଧାରଣଙ୍କଠାରୁ ବିଭିନ୍ନ ବିଷୟ ଉପରେ ପ୍ରସ୍ତାବ, ପରାମର୍ଶ, ମତାମତ ଆଦି ଆହ୍ୱାନ କରିବା ସହ ଯାହା ଗ୍ରହଣଯୋଗ୍ୟ ତାହା ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ଗର୍ବ ଓ ଆହ୍ୱାନର ସମୟ। ଆଗାମୀ ପଚିଶ ବର୍ଷ ଅମୃତକାଳ ବୋଲି ଅଭିହିତ କରି ଏହା ଅସୀମ ସମ୍ଭାବନା ଓ ପରିବର୍ତ୍ତନର ସମୟ ଏବଂ ଏହାର ସଦୁପଯୋଗ କରି ରାଷ୍ଟ୍ରର ଶତବାର୍ଷିକୀ ପାଳନକୁ ସ୍ମରଣୀୟ କରିବା ପାଇଁ ରାଜ୍ୟପାଳ ଏହି ଅବସରରେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶର ଅନେକ ପରିବର୍ତ୍ତନକାରୀଙ୍କ ଜୀବନ ଓ କର୍ମର କାହାଣୀ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଛନ୍ତି। ଏଥିରେ ରାଜ୍ୟର ମଧ୍ୟ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଅଛନ୍ତି ବୋଲି କହିବା ସହିତ ସେମାନେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।

▶▶ପୃଷ୍ଠା ୭


DADLS-13



ଓଡ଼ିଶା ସରକାର

ମଇ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶ୍ରମିକମାନେ ହେଉଛନ୍ତି ରାଷ୍ଟ୍ରର ଶକ୍ତି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଆମେ ସର୍ବଦା ଶ୍ରଦ୍ଧାର ସହ ସ୍ମରଣ କରିବା ଆବଶ୍ୟକ । ମଇ ଦିବସ ଅବସରରେ ଆମର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଶ୍ରମିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଅନୁରୋଧ କରୁଛି ।

ଶ୍ରମିକ କଲ୍ୟାଣ ହିଁ ରାଷ୍ଟ୍ରର କଲ୍ୟାଣ ।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

OIPR : 15001/13/0038/2324


# ରଙ୍ଗରାଗ ସାହିତ୍ୟ ପରିଷଦର ଦ୍ୱାଦଶ ବାର୍ଷିକଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର,୩୦/୦୪ : (ନି.ପ୍ର) ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପରିସରରେ ଓଡିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ ସଭାପତିତ୍ୱ କରିଥିଲେ । ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ସାହିତ୍ୟ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଗାଳ୍ପିକା ଡ଼କ୍ଟର ଝରଣା ପଟ୍ଟନାୟକ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଚନ୍ଦ୍ରଭାଗାର ସମ୍ପାଦକ କବି ଶ୍ରୀଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଗାଳ୍ପିକ ଡ଼କ୍ଟର ରାଧାବିନୋଦ ନାୟକ, କବି ସୁରେନ୍ଦ୍ର ପାଣିଗ୍ରାହୀ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, ପ୍ରବନ୍ଧିକ ଡ଼କ୍ଟର ଲକ୍ଷ୍ମୀ କାନ୍ତ ତ୍ରିପାଠୀ, କବି ଇଂ ଅରୁଣ ସାହୁ, କବି ଇପ୍ସିତା ଷଡ଼ଙ୍ଗୀ, ଶିଶୁ ସାହିତ୍ୟିକ ପିତାମ୍ବର ଦାସ, କବି ମିତା ପଟ୍ଟନାୟକ, କବି ଶିବ ପ୍ରସାଦ ଦାଶ, କବି ଐତିହାସିକ ଅନ୍ତର୍ଯ୍ୟାମୀ ମହାରଣା, ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ ପ୍ରମୁଖଙ୍କୁ ରଙ୍ଗରାଗ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ରାଜ୍ୟ ସ୍ତରୀୟ ସାହିତ୍ୟ ଉତ୍ସବ ରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ବହୁ କବି ସ୍ୱ ରଚିତ କବିତା ଆବୃତ୍ତି କରିଥିଲେ । ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । କବି ମାନସ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ ବେଦ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ ।


DADLS-13

ଓଡ଼ିଶା ସରକାର

ବାର୍ତ୍ତା



ମଇ ୧ ତାରିଖ 'ଶ୍ରମିକ ଦିବସ' ଉପଲକ୍ଷେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାଜ୍ୟର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛି ।

ଏହି ଅବସରରେ ଶ୍ରମିକ ଭାଇଭଉଣୀମାନଙ୍କର ସୁଖ, ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0038/2324

## ଶନି ମନ୍ଦିରର ଷଷ୍ଠ ତମ ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି, ୩୦/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ରିକଲ୍ଲାମେଶନ କଲୋନୀ ସ୍ଥିତ ଇଟାଭାଟି ସାହି ଶନି ମନ୍ଦିରର ଷଷ୍ଠ ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ବହୁ ସଂଖ୍ୟାରେ ମହିଳା କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ବହୁ ସମୟ ଧରି ପୂଜାର୍ଚ୍ଚନା କରାଯାଇଥିଲା।
କିଛି ବର୍ଷ ତଳେ ସ୍ଥାନୀୟ କୌରବ ନାୟକ ନାମକ ଯୁବକଙ୍କୁ ଶନି ଦେବ ସ୍ୱପ୍ନାଦେଶ କରିଥିଲେ। ସେ ଏଠାରେ ଅଧିଷ୍ଠିତ ହୋଇଥିବା ସୂଚନା ଦେଇଥିଲେ। ସେହି କୌରବଙ୍କ କଥା ଅନୁଯାୟୀ ସ୍ଥାନୀୟ ବାସିନ୍ଦା ଏଠାରେ ଶନି ମନ୍ଦିର ପ୍ରତିଷ୍ଠା କରି ପ୍ରତି ଶନିବାର ପୂଜାର୍ଚ୍ଚନା କରି ଆସୁଛନ୍ତି। ପ୍ରତିବର୍ଷ ଏପ୍ରିଲ ''ମାସରେ ଏହି ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇ ଆସୁଛି।

# ଠିକା ଶ୍ରମିକ ମଜୁରୀ ବୃଦ୍ଧି ଓ ଅନ୍ୟାନ୍ୟ ଶ୍ରମିକ ସମସ୍ୟାକୁ ନେଇ ବଲାଣି ଲୌହ ଖଣିଠାରେ ଏଆଇଟିୟୁସି ପକ୍ଷରୁ ବିରାଟ ଶ୍ରମିକ ସମାବେଶ

ବଲାଣି, ୩୦/୦୪ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରନ୍ତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍)ର ବଲାଣି ଲୌହ ଖଣି ଠାରେ ଏଆଇଟିୟୁସି ସହ ସହବନ୍ଧିତ କେଉଁଝର ମାଇନ୍ସ ମଜଦୁର ୟୁନିୟନ ପକ୍ଷରୁ ଏକ ବିରାଟ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ଶତାଧିକ ଶ୍ରମିକଙ୍କୁ ନେଇ ବିରାଟ ଶ୍ରମିକ ଶୋଭାଯାତ୍ରା ଖଣି ମୁଖ୍ୟ ଫାଟକ ଠାରୁ ବାହାରି ସହର ପରିକ୍ରମା ପରେ ଜେଏନଆରସି ହଲ ଠାରେ ପହଂଚିଥିଲା। ସେଠାରେ ସଂଘର ଅଧକ୍ଷ ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଷ୍ଟିଲ୍ ଫେଡେରେସନର ଅଧକ୍ଷ ତଥା ଏଆଇଟିୟୁସିର ସର୍ବ ଭାରତୀୟ ସଭାପତି ରମେନ୍ଦ୍ର କୁମାର, ଏଆଇଟିୟୁସିର ସର୍ବଭାରତୀୟ ସାଧାରଣ ସଂପାଦକ ଅମରଜିତ କାଉର, ଉପାଧକ୍ଷ ବିଦ୍ୟସାଗର ଗିରି, କେଉଁଝର ମାଇନସ ମଜଦୁର ୟୁନିୟନ ସମ୍ପାଦକ ଅରବିନ୍ଦ ସାହି, ଉପସଭାପତି ସୈଳେନ୍ଦ୍ର ସିଂ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବକ୍ତବ୍ୟ ମାଧମରେ ନେତୃବୃନ୍ଦ ଖଣିରେ ରହିଥିବା ଶ୍ରମିକ ସମସ୍ୟା ସମ୍ବନ୍ଧରେ ରଣ ହୁଙ୍କାର ଦେଇଥିଲେ। ଚାରି ବର୍ଷରୁ ଅଧିକ ସମୟ ବିତିଲା ପରେ ବି ସେଲ୍ କର୍ତ୍ତୁପକ୍ଷ ମଜୁରୀ ବୃଦ୍ଧି ଚୁକ୍ତିନାମା କରୁନାହାନ୍ତି। ସେଲ୍ କର୍ତ୍ତୁପକ୍ଷ ବିଭାଗୀୟ ଶ୍ରମିକ ସଂଖ୍ୟା କମ୍ କରିବା ସହ ଠିକାଦାର ଶ୍ରମିକ ମାନଙ୍କ ଦ୍ୱାରା ଖଣି କାର୍ଯ୍ୟ ଚଳାଇଛନ୍ତି। ସେଲର ଅନ୍ୟ ଖଣିରେ ଡାଉନ୍ ଗ୍ରେଡ୍ ବ୍ୟବସ୍ଥା ଲାଗୁ ହେଲା ବେଳେ ବଲାଣି ଖଣିରେ ଲାଗୁ କରାଯାଉନାହିଁ। ଖଣିରେ ଲୁହା ପଥର ଉତ୍ପାଦନ ଦଶ ବର୍ଷ ମଧ୍ୟରେ ତିନି ଗୁଣା ବୃଦ୍ଧି ପାଇଥିବା ବେଳେ ବିଭାଗୀୟ ଶ୍ରମିକଙ୍କ ସଂଖ୍ୟା ପନ୍ଦର ଶହରୁ ଚାରି ଶହକୁ ହ୍ରାସ କରାଯାଇଛି। ତା ବଦଳରେ ଠିକାଦାର ଶ୍ରମିକ ସଂଖ୍ୟା ବାର ଶହରୁ ଅଧିକ ହୋଇଛି। ଠିକାଦାର ମାଧମରେ ଶ୍ରମିକ ମାନଙ୍କୁ କମ ମଜୁରୀରେ କାମ କରାଯାଇ ବିଭିନ୍ନ ପ୍ରକାର ଶୋଷଣ କରାଯାଉଛି। ସୋସିଆଲ୍ ସିକ୍ୟୁରିଟି ଯଥା ବୋନସ୍, ଗ୍ରାଚ୍ୟୁୟିଟି, ଅନ୍ୟାନ୍ୟ ଛୁଟି, ରିଟ୍ରେଂଚମେଂଟ ବେନିଫିଟ୍, ମେଡିକାଲ ସୁବିଧା, ଘର ଭଡା ଇତ୍ୟାଦି ଠିକାଦାର ଶ୍ରମିକ ମାନଙ୍କୁ ଦିଆଯାଉନାହିଁ। ଠିକାଦାର ବଦଳିବା ସମୟରେ ଛଟେଇ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତିର ଆଇନରେ ବ୍ୟବସ୍ଥା ଥିଲେ ମଧ ତାହା ବଲାଣି ଖଣି କର୍ତ୍ତୁପକ୍ଷ ପାଳନ କରୁନାହାନ୍ତି। ଏହା ବ୍ୟତୀତ ବଲାଣି ଖଣି ଅଂଚଳର ସବୁଠାରୁ ବଡ଼ ସମସ୍ୟା ଭାବରେ ପରିଗଣିତ ବେକାରୀ ସମସ୍ୟା ଉପରେ ନେତୃବୃନ୍ଦ ଚିନ୍ତା ପ୍ରକଟ କରିଥିଲେ। ବଲାଣି ଖଣିରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କୁ ବାହାର ରାଜ୍ୟରୁ ଆଣି ନିଯୁକ୍ତି ଦିଆଯାଉଥିଲେ ମଧ ସ୍ଥାନୀୟ ବେକାରୀ ଯୁବକ ଯୁବତୀ ମାନଙ୍କୁ ସୁଯୋଗ ଦିଆ ଯାଉନାହିଁ। ଜନ ଶୁଣାଣି ସମୟରେ କମ୍ପାନୀ କର୍ତ୍ତୁପକ୍ଷ ସ୍ଥାନୀୟ ବେକାରୀ ମାନଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ପାଇଁ ପ୍ରତିଶ୍ରୁତି ଦେଇ ମଧ ପାଳନ କରୁ ନାହାନ୍ତି। ଏ ନେଇ ଶ୍ରମିକ ସଂଗଠନ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବାକୁ ଏହି ସମାବେଶରେ ନିଷ୍ପତି ଗ୍ରହଣ କରାଯାଇଥିଲା।

## ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ କରିବାକୁ ପ୍ରୟାସ : ନବଚେତନା ପ୍ରଶିକ୍ଷଣ ନେଲେ ୧୦ଟି ଅଗ୍ରଣୀ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ

ପୁରୀ, ୩୦/୦୪ (ନି.ପ୍ର): ବର୍ତମାନ ସମୟରେ ସ୍କୁଲ ଯାଉଥିବା କିଶୋର କିଶୋରୀ ମାନଙ୍କ ମଧ୍ୟରେ ଅନେକ ଛାତ୍ର ଛାତ୍ରୀ ନିଶା କବଳରେ ପଡୁଥିବା ପରିଲକ୍ଷିତ ହେଉଛି। ଏହାକୁ ଲକ୍ଷ୍ୟ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ନବଚେତନା ଆରମ୍ଭ କରାଯାଇଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲ୍ଲାର ବିଭିନ୍ନ ସ୍କୁଲରୁ ବଛାଯାଇଥିବ ୫୦ ଜଣ ଶିକ୍ଷକ ଶିକ୍ଷୟତ୍ରିଙ୍କୁ ନବଚେତନା ପ୍ରଶିକ୍ଷଣ ଦିଆଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପୁରୀ ମିଳିତ ଆନୁକୂଲ୍ୟରେ ପୁରୀ ସଂସ୍କୃତି ଭବନ ଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ଉଦ୍ଘାଟନ କରି ଛାତ୍ରଛାତ୍ରୀ ମାନଙ୍କ ଜୀବନରେ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିଶାମୁକ୍ତ ଛାତ୍ର ସମାଜ ଗଠନ ପାଇଁ ମଧ ଶିକ୍ଷକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ।
କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ସ୍ୱାଗତ ଅଭିଭାଷଣ ଦେବା ସହିତ ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଦ୍ୱିତୀୟ ପର୍ଯ୍ୟାୟରେ ସ୍କୁଲ ଛାତ୍ରଛାତ୍ରୀ ଏବଂ ତୃତୀୟ ପର୍ଯ୍ୟାୟରେ ସାମାଜିକ ସଂଗଠନ ମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ। ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ବର୍ତମାନ କିଶୋର କିଶୋରୀ ମାନଙ୍କ ମଧ୍ୟରେ ନିଶା ସେବନକୁ ପ୍ରତିରୋଧ କରିବାକୁ ହେଲେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଅଭିଭାବକଙ୍କ ମଧ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ।
ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବରେ ଭୁବନେଶ୍ୱର ଏସଏଲସିଏ ର ନିବେଦିତା ମହାନ୍ତି ଓ ବିଶ୍ୱରଂଜନ ଦାସ ଯୋଗ ଦେଇଥିବା ବେଳେ ଶିବିରକୁ ଶିଶିର କୁମାର ସାହୁ, ଦିପକ୍ ପଲେଇ, ସୁଭସ୍ମିତା ମୋହିନୀ ଜେନା, ପ୍ରଭୁ ପ୍ରସାଦ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ରଥ, ଶୋଭା ବୋଙ୍ଗାରି ଓ ବର୍ଷା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ

ଜୟପୁର, ୩୦/୦୪ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଦ୍ୱାରା କୋରାପୁଟ-ଡୁମୁରିପୁଟ ସ୍ଥିତ ସାଲମ ଶିଶୁ ଯତ୍ନ ଅନୁଷ୍ଠାନ ପରିଭ୍ରମଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଚିବ ଶ୍ରୀ ସୁମନ ଜେନା, ଶିଶୁ ଯତ୍ନ ଅନୁଷ୍ଠାନକୁ ଗସ୍ତ କରି ଅନ୍ତେବାସୀଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ତଦାରଖ କରିଥିଲେ। ଅନୁଷ୍ଠାନରେ ରହୁଥିବା ପିଲାଙ୍କର ଖାଦ୍ୟ, ପାନୀୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଅନୁଷ୍ଠାନର କର୍ମକର୍ତ୍ତା ଠାରୁ ବିସ୍ତୃତ ରିପୋର୍ଟ ତଲବ କରିଥିଲେ।
ଅନୁଷ୍ଠାନ ତଦାରଖ ବେଳେ ଏହା ନଜରକୁ ଆସିଥିଲା ଯେ ଅନ୍ତେବାସୀ ମଧ୍ୟରୁ ଗୋଟିଏ ପିଲା ବିଲୁ ପ୍ରାସ୍କରପେଟ ଅସ୍ୱାଭାବିଙ୍କ ଭାବେ ବଢିଯାଇଛି। ଅନୁଷ୍ଠାନର କର୍ତାଙ୍କୁ ପଚାରି ବୁଝିବାରୁ ସେମାନେ ଜଣେଇଲେ ଯେ ପିଲାଟିକୁ ସରକାରୀ ଡାକ୍ତରଖାନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ଟେଷ୍ଟ ପାଇଁ ମନା କରି ବେସରକାରୀ ମେଡିକାଲକୁ ନେଇଯିବାକୁ କହିଛନ୍ତି। ଏହା ନଜରକୁ ଆସିବା ମାତ୍ରେ ସଚିବ ଶ୍ରୀ ଜେନା ତୁରନ୍ତ କୋରାପୁଟର ଆଇନ ସେଲ କର୍ମକର୍ତାଙ୍କୁ ଯୋଗାଯୋଗ କରିଥିଲେ ଏବଂ ତତକ୍ଷଣାତ ଏକ ମେଡିକାଲ ଟିମକୁ ସାଲେମ ଅନୁଷ୍ଠାନକୁ ପ୍ରେରିତ କରି ଉଚିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।
ଏବଂ ସଚିବଙ୍କ ନିର୍ଦ୍ଦୋଶାନୁଯାଇ ମେଡିକାଲ ଟିମ ସାଲେମ ଅନୁଷ୍ଠାନକୁ ଯାଇ ପିଲାଟିର ସ୍ୱାସ୍ଥ୍ୟ ପରୀକ୍ଷା କରି ତାକୁ ଆଜି ତା- ୨୯-୦୪-୨୦୨୩ ରେ ଅଲଟ୍ରାସାଉଣ୍ଡ ପରୀକ୍ଷା ନିରୀକ୍ଷା ପରେ ଉଚିତ ଚିକିତ୍ସା ବ୍ୟବସ୍ଥା କରିଛନ୍ତି।

# ସମ୍ପୃକ୍ତ ୬ ଜଣଙ୍କ ଠାରୁ ଆଦାୟ ହେବ ୪ ଲକ୍ଷ ୬୬ ହଜାର ଟଙ୍କା

ନୀଳଗିରି,୩୦/୪(ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଂଚାୟତର ବିଭିନ୍ନ ପ୍ରକଳ୍ପରେ ଦୁର୍ନିତି ହୋଇଥିବା ନେଇ ପଂଚାୟତର କିଛି ବ୍ୟକ୍ତି ଏନେଇ ବାଲେଶ୍ୱର ଜିଲ୍ଲାପାଳ ନୀଳଗିରି ଉପଜିଲ୍ଲାପାଳ, ନୀଳଗିରି ବିଡିଓଙ୍କୁ ବହୁବାର ଲିଖିତ ଅଭିଯୋଗ କରି ଆସୁଥିଲା ବେଳେ ଏବେ କିଛି ପ୍ରକଳ୍ପରେ ଦୁର୍ନିତି ହୋଇଥିବା ଘଟଣା ପଦାରେ ପଡିଛି। ଉକ୍ତ ପଂଚାୟତର ୨୦୧୭-୧୮ ବର୍ଷ ରେ ଚତୁର୍ଦ୍ଦଶ ଅର୍ଥ କମିଶନରେ ଆସିଥିବା ଅନୁଦାନ ରାଶି - ସାତଖାଲିଆ ପୋଖରୀ ପୁନଃଉର୍ଦ୍ଧାର, ଘାଟ ଓ ଡ୍ରେସ ଚେଞ୍ଜ ରୁମ ପାଇଁ ୫ ଲକ୍ଷ ଟଙ୍କା, ୨୦୨୧-୨୨ ଏମଜିଏନଆରଜିଏସ ରେ ୭ ଲକ୍ଷ ଟଙ୍କା, ୨୦୨୨-୨୩ ଏମଜିଏନଆରଜିଏସ ରେ ପଙ୍କ ଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସାତଖାଲିଆ ବନ୍ଧକୁ ୧୦ ଲକ୍ଷ ଟଙ୍କା, ୨୦୨୧-୨୨ ନୂଆସାହି ମହାବଳୀ ପୋଖରୀ ପଡିଆରେ ୨.୫ ଲକ୍ଷଟଙ୍କା, ୨୦୨୧-୨୨ ରେ ସଦାନନ୍ଦ ଘରଠାରୁ ବେହେରାସାହି ଛକ ପର୍ଯ୍ୟନ୍ତ ଡ୍ରେନ ପୁନଃଉଦ୍ଧାର ପାଇଁ ୩ ଲକ୍ଷ ଟଙ୍କା, ଲେମ୍ବୁଧର ମହାକୁଡ ଘର ଠାରୁ କ୍ଷେତ୍ର ମୋନହ ବିଶୋକ୍ଷ ଘର ପର୍ଯ୍ୟନ୍ତ ଡ୍ରେନ ପୁନଃଉଦ୍ଧାର ପାଇଁ ୩ ଲକ୍ଷ, ଗଉଡପୋଖରୀ ପୁନଃଉଦ୍ଧାର ପାଇଁ ୭ ଲକ୍ଷ, କମ୍ପଲାନାଳ ଉପରେ ଚେକ ଡ୍ରେନ ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କାର ଅଟକଳ ଥିବା ବେଳେ କିଛି କିଛି ପ୍ରକଳ୍ପରେ ଅଟକଳ ଠାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଅନ୍ୟ କିଛି ପ୍ରକଳ୍ପରେ ଅଟମୂଲ୍ୟଠାରୁ କମ ଖର୍ଚ୍ଚ ହୋଇଛି। ମାତ୍ର ନିର୍ମାଣ ହୋଇଥିବା ଏହି ସବୁ ପ୍ରକଳ୍ପରେ ଦୁର୍ନିତି ହୋଇଥିବା ଅଭିଯୋଗ ହୋଇ ଆସୁଥିଲା। ଏ ସମସ୍ତ ପ୍ରକଳ୍ପରେ ନିମ୍ନ ମାନର କାମ ଓ କମ ପରିମାରଣ କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ବାଲେଶ୍ୱର ଜିଲ୍ଲା ଜିଲ୍ଲାପାଳ ଗୁରୁତର ସହ ବିଚାର କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରେ ଅନିୟମିତତା ହୋଇଥିବା ନେଇ ରିପୋର୍ଟ ଆସିବା ପରେ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି କାରଣ ଦର୍ଶାଅ ନୋଟିସର ସନ୍ତୋଷ ଜନକ ଉତର ଦେଇପାରିନଥିବା ବେଳେ ବାଲେଶ୍ୱର ଜିଲ୍ଲାପାଳ ଉକ୍ତ ପଂଚାୟତରେ ସେତେବେଳର କନିଷ୍ଠଯନ୍ତ୍ରୀ ହରିନାରାୟଣ ଜେନା, ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ହିମାଂଶୁ ଚକ୍ରବର୍ତ୍ତି, ଜିଆରଏସ ବିଜୟ କୁମାର ମହାପାତ୍ର, ଗ୍ରାମସାଥୀ ବିଜୟ କୁମାର ମହାକୁଡ, ସରପଂଚ ଦୀପ୍ତିରାଣୀ ସିଂ, ପୂର୍ବତନ ସରପଂଚ ସୁରେନ୍ଦ୍ର ସିଂଙ୍କ ବିରୋଧରେ ଅନିୟମିତତା ହୋଇଥିବା ୪ ଲକ୍ଷ ୬୬ ହଜାର ୧୦୨ ଟଙ୍କା ଆଦାୟ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିବା ବିଶେଷ ସୂତ୍ରରୁ ଖବର ମିଳିଥିବା ଜଣାପଡିଛି।

# ଡକାୟତ ଯୋଜନାକୁ ପଣ୍ଡ ଚାରି ଡକାୟତ ଗିରଫ

ଖୋର୍ଦ୍ଧା,୨୬।୪: ଖୋର୍ଦ୍ଧା ଜଟଣୀ ରାସ୍ତାରେ ୫୭ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ମୋଦି ପଡିଆରୁ ୪ ଡକାୟତ ଗିରଫ କରିଛି ପୁଲିସ। ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଁ ଖୋର୍ଦ୍ଧା ପୋଲିସ ର ଏକ ଟିମ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଡକାୟତ ମାନଙ୍କ ଠାରୁ କିଛି ମାରଣାସ୍ତ୍ର ଜବତ ହୋଇଥିବା ବେଳେ ଡକାୟତମାନେ ଅପହରଣ ଓ ମାଲବୋହି ଗାଡି ମାନଙ୍କରୁ ଡକାୟତି କରୁଥିବା ଖୋର୍ଦ୍ଧା ଥାନା ଅଧିକାରୀ ତାରିକ ଅହମଦ ପ୍ରକାଶ କରିଛନ୍ତି। ଏହି ଡକାୟତି ମାନଙ୍କ ନାମରେ ପୂର୍ବରୁ ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ପରି ଅନେକ ସ୍ଥାନରେ ବହୁ ଅପରାଧିକ ମାମଲା ରହିଛି। ଗିରଫ ହୋଇଥିବା ଡ଼କାୟ ମାନଙ୍କ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ତରତୁଆ ଅଂଚଳର ଖାନ(୨୪), ଖୋର୍ଦ୍ଧା ମକୁନ୍ଦପ୍ରସାଦ ଅଂଚଳର ମୋହାଦିନ ଖାନ (୨୩), ଖୋର୍ଦ୍ଧା ଭାଲିଆବାଡି ଅଂଚଳର ଗଗନ ନାୟକ, ଅନ୍ୟ ଜଣେ ମକୁନ୍ଦପ୍ରସାଦ ଅଂଚଳ ର ଏସ କେ ମାଜିଦ ଖାନ ଓରଫ ମଦନ (୨୪)। ତେବେ ଏମାନଙ୍କୁ ଖୋର୍ଦ୍ଧା ପୁଲିସ ଗିରଫ କରି ଏମାନଙ୍କ ନାମରେ ୨୫୩/୨୩ ରେ କେଶ ରୁଜୁକରି ୩୯୯/୪୦୨ ଆଇପିସି ତଦନ୍ତ କରୁଥିବା ଥାନା ଅଧିକାରୀ ତାରିକ ଅହମଦ ପ୍ରକାଶ କରିଛନ୍ତି।

## ଡକ୍ଟର ଅଜିତ କୁମାର ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଜଣାଇଲେ ଅଭିନନ୍ଦନ

ଭୁବନେଶ୍ୱର, ୩୦/୦୪ : ଡକ୍ଟର ଅଜିତ କୁମାର ମହାନ୍ତିଙ୍କୁ 'ଆଣବିକ ଶକ୍ତି ବିଭାଗ'ର ସଚିବ ଏବଂ 'ଆଣବିକ ଶକ୍ତି କମିସନ୍'ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ପଟ୍ଟନାୟକ ଡ. ମହାନ୍ତିଙ୍କୁ ନୂତନ ଦାୟିତ୍ୱ ପାଇଁ ସଫଳତା କାମନା କରିଛନ୍ତି।

## ଟିକିଏ ବର୍ଷା ହେଲେ ଗାଁ ରାସ୍ତାରେ ପାଣି ଜମୁଛି

ସାଲେପୁର, ୩୦/୦୪ (ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ରାମକୃଷ୍ଣପୁର-ବରାଦ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ହୋଇଥିବା ରାସ୍ତାଟି ଜିଗ୍ନିପୁର ପଂଚାୟତ ଛୁଆଳିଆ ଗ୍ରାମ ଦେଇ ନିର୍ମାଣ କରାଯାଇଛି। ଉକ୍ତ ରାସ୍ତା କାର୍ଯ୍ୟ ଗ୍ରାମ ମଧ୍ୟରେ ନିର୍ମାଣ ହୋଇଥିବା ସମୟରେ ସଠିକ୍ ଭାବେ ଲେବୁଲ କରାଯାଇନଥିବାରୁ ଟିକିଏ ବର୍ଷା ହେଲେ ଗାଁ ମଝିରେ ଦୁଇ ତିନୋଟି ସ୍ଥାନରେ ପାଣି ଜମି ରହୁଛି। ବର୍ଷା ପାଣି ନିଷ୍କାସନ କରାଯିବା ପାଇଁ ବ୍ୟବସ୍ଥା ହୋଇନଥିବାରୁ ବର୍ଷା ହେବାର ତିନି ଚାରିଦିନ ପର୍ଯ୍ୟନ୍ତ ପାଣି ଜମି ରହୁଥିବାରୁ ଗାଁ ମଝିରେ ଏକ ଦୂଷିତ ପରିବେଶ ସୃଷ୍ଟି ହେଉଛି। ଏହି ପାଣିରେ ବିଭିନ୍ନ ଅଳିଆ ଆବର୍ଜନା ପଡି ପଚିସଢି ଦୁର୍ଗନ୍ଧ ହେବା ସହିତ ଯାନବାହାନ ଯିବା ସମୟରେ ଜମା ହୋଇଥିବା ପାଣି ଗୁଡିକ ଛିଟିକି ବାଟୋଇମାନଙ୍କ ଉପରେ ପଡୁଥିବାରୁ ଅନେକ ସମୟରେ ଗଣ୍ଡଗୋଳର ସୂତ୍ରପାତ ମଧ ହେଉଛି।

# ମଦନମୋହନଙ୍କ ଟାହିଆ ପ୍ରସ୍ତୁତି

ପୁରୀ, ୩୦/୦୪ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ମାନବୀୟଲୀଳା ସଦୃଶ୍ୟ ମହାପ୍ରଭୁ ମଧ ନରେନ୍ଦ୍ର ପୁଷ୍କରଣୀରେ ନୌବିହାର କରିବା ସହ ଚନ୍ଦନ କୁଣ୍ଡରେ ବିଶ୍ରାମ ନେଇଥାନ୍ତି। ବାର ମାସରେ ତେର ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ। ୨୧ ଦିନ ବାହାର ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ନରେନ୍ଦ୍ର ପୁଷ୍କରଣୀରେ ବିଜେ କରିଥାନ୍ତି। ଏଥିପାଇଁ ମଦନମୋହନଙ୍କ ନିମନ୍ତେ ପ୍ରତିଦିନ ଫୁଲ ଟାହିଆ ଲାଗି ହୋଇଥାଏ। ଏହି ଟାହିଆ ନିର୍ମାଣ ଶୈଳି କଷ୍ଟ ସାଧ ଓ ସମୟ ସାପେକ୍ଷ ହୋଇଥିଲେ ମଧ ନୀତି ସେବା କରୁଥିବା ସେବକମାନେ ମହାପ୍ରଭୁଙ୍କ ପାଇଁ ଏହି ସେବା ଯୋଗାଇ ଦେଇଥାନ୍ତି। ପ୍ରତିଦିନ ମହାପ୍ରଭୁ ମଦନମୋହନ ସୁସଜ୍ଜିତ ଓ ସୁଗନ୍ଧିତ ପୁଷ୍ପ ସମ୍ଭାର ଟାହିଆ ସହ ଚାପ ଖେଳିଥାନ୍ତି। ଶ୍ରୀମନ୍ଦିରରୁ ଚଳନ୍ତି ପ୍ରତିମା ମଦନମୋହନ ମଣି ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରଣୀରେ ଚନ୍ଦନ ଚକଡ଼ାରେ ବିଜେ କରିଥାନ୍ତି। ଏହି ସମୟରେ ମହାପ୍ରଭୁଙ୍କୁ ଟାହିଆ ଲାଗି କରାଯାଇଥାଏ। ବହୁବର୍ଷ ପୂର୍ବେ କେନ୍ଦୁଝର ରାଜା ସ୍ୱତନ୍ତ୍ର ଭାବେ ବାଉଁଶ କାଠି ଖିଲଣ କରି ଟାହିଆ ଯୋଗାଉଥିଲେ। ପରେ ଏହି ଟାହିଆ ଛାଞ୍ଚ ଜଗନ୍ନାଥ ବଲ୍ଲଭ ମଠର ଜଣେ ସାଧୁ ନିର୍ମାଣ କରିଥିଲେ। ପରେ ଦଇତାପଡ଼ା ସାହିର ଅବଧୁତ ପଟ୍ଟନାୟକ ସାଧୁଙ୍କ ପରିବାର ଦ୍ୱାରା ତିଆରି ହୁଏ। ଏହି ବୈଷ୍ଣବ ପରିବାର ଅତ୍ୟନ୍ତ ନିଷ୍ଠାର ସହ ଏହି ଟାହିଆ ନିର୍ମାଣ କରି ଯୋଗାଇ ଆସୁଛନ୍ତି। ଦେଖିବାକୁ ଟାହିଆ ଛୋଟ କିନ୍ତୁ ଏହା ଦ୍ୱାରା ପୁରା ଦିନ ଆଉ ବହୁତ ଲୋକଙ୍କ ପରିଶ୍ରମରେ ତିଆରି ହୁଏ।। ଏହି ଟାହିଆରେ ବିଭିନ୍ନ ସୁଗନ୍ଧିତ ପୁଷ୍ପ ତଥା ଜାଇ ଜୁଇ ଫୁଲ,ବଉଳ ଫୁଲ, ସୁବର୍ଣ୍ଣ ଗନ୍ଧା,ମଲ୍ଲି ,ଚମ୍ପା, ଗୋଲାପ, ଦୟଣା, କନିଅର, ରଙ୍ଗଣୀ ଫୁଲ, ପଣସପତ୍ର ,ଖଡ଼ିକା ସହ କଦଳି ପଟୁକା ବ୍ୟବହୃତ ହୋଇଥାଏ। ଟାହିଆ ନିର୍ମାଣ ପାଇ ଏକାଗ୍ରତା ନିଷ୍ଠା ଓ ସମର୍ପଣ ଭାବ ରଖି ଟାହିଆ ସେବା ଯୋଗାଇ ଦେଇଥାନ୍ତି। ବୈଷ୍ଣବ ପରିବାର ବନ୍ଧୁ ବାନ୍ଧବ ଓ ଅନ୍ୟାନ୍ୟ ବୈଷ୍ଣବ ଏହି ଟାହିଆ ତିଆରି ରେ ନିଜକୁ ନିୟୋଜିତ କରି ଧନ୍ୟ ମନେ କରନ୍ତି। ସମସ୍ତ ନିୟମ ମାନି ଶୃଙ୍ଖଳିତ ଭାବରେ ଟାହିଆ ତିଆରି କାର୍ଯ୍ୟ ସମ୍ପାଦିତ କରିଥାନ୍ତି।

# ଓଡ଼ିଶାରେ ବି ହେବ ନାର୍କୋ ପରୀକ୍ଷା



ଭୁବନେଶ୍ୱର: ଅପରାଧୀଙ୍କ ନାର୍କୋ ପରୀକ୍ଷା ପାଇଁ ପୁଲିସ୍‌କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଓଡ଼ିଶାରେ ଖୁବ୍‌ଶୀଘ୍ର ଏହି ପରୀକ୍ଷା ହୋଇପାରିବ। ଏଥିପାଇଁ ଏସଏଫ୍‌ଏସ୍‌ଏଲ୍ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ ଏହି ସୁବିଧା ନଥିବାରୁ ପୁଲିସକୁ ଗୁଜୁରାଟ ଓ ଦିଲ୍ଲୀ ଉପରେ ନିର୍ଭର କରିବାକୁ ପଡୁଛି। ସାରା ଦେଶରେ ମାତ୍ର ହାତଗଣତି ସ୍ଥାନରେ ଏହି ପରୀକ୍ଷଣ କରାଯାଉଥିବାରୁ ଅଭିଯୁକ୍ତଙ୍କୁ ବାହାରକୁ ପଠାଇବା ସହଜ ହେଉନାହିଁ। ନାର୍କୋ ପରୀକ୍ଷାଠାରୁ ଅଭିଯୁକ୍ତକୁ ନବା ଆଣିବା ଓ ସୁରକ୍ଷା ଦେବାରେ ଅଧିକ ଖର୍ଚ୍ଚ ହୋଇଯାଉଛି। ତେଣୁ ଓଡ଼ିଶାର ଏ ବ୍ୟବସ୍ଥା କରାଇବା ପାଇଁ ଏସଏଫ୍‌ଏସ୍‌ଏଲ୍ ପ୍ରସ୍ତାବ ଦେଇଛି। ରାଜ୍ୟ ସରକାର ଏ ପ୍ରସ୍ତାବରେ ମୋହର ମାରିବା ପରେ ଏସ୍‌ଏଫ୍‌ଏସ୍‌ଏଲ୍ ବଛାବଛା ଡାକ୍ତର ଏବଂ ଫୋରେନସିକ୍ ମନସ୍ତତ୍ତ୍ୱ ବିଶେଷଜ୍ଞଙ୍କୁ ନିଯୁକ୍ତ କରିବ। ସେମାନଙ୍କୁ ତାଲିମ୍ ପାଇଁ ଗୁଜରାଟ ଫୋରେନସିକ୍ ସାଇନ୍ସ ଲାବରୋଟାରି କିମ୍ବା ଗାନ୍ଧୀନଗର ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭର୍ସିଟିକୁ ପଠାଯିବ।
ନାର୍କୋ ପରୀକ୍ଷା ଅଧିକ ଜଟିଳ। ଡୋଜ୍‌ରେ ସାମାନ୍ୟ ଭୁଲ୍ ହେଲେ ଅଭିଯୁକ୍ତର ଜୀବନ ଚାଲିଯାଇପାରେ କିମ୍ବା କୋମା ଭଳି ସ୍ଥିତି ଉପୁଜିପାରେ। ଏଥିପାଇଁ ପରୀକ୍ଷଣ ପୂର୍ବରୁ ବ୍ୟକ୍ତିଙ୍କ ସମ୍ମତି ନିଆଯାଇଥାଏ। ଅତ୍ୟନ୍ତ ସମ୍ବେଦନଶୀଳ ପରୀକ୍ଷଣ ହୋଇଥିବାରୁ ସେମାନେ ତାଲିମ ସରିବା ପରେ ଏଠାରେ ଅନ୍ୟମାନଙ୍କୁ ତାଲିମ୍ ଦେବା ସହ ନିଜେ ପରୀକ୍ଷଣ କରିବେ। ତେବେ ଏସ୍‌ଏଫ୍‌ଏସ୍‌ଏଲ୍ ଏହାର କ୍ଷମତା ବଢ଼ାଇବା ପାଇଁ ନାର୍କୋ ପରୀକ୍ଷା, ମସ୍ତିଷ୍କ ମ୍ୟାପିଂ ସହ ମିଥ୍ୟା ଚିହ୍ନଟ ବିଭାଗର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଦେଇଛି। କେବଳ ଏତିକି ନୁହେଁ, ଏସ୍‌ଏଫ୍‌ଏସ୍‌ଏଲ୍ ଢାଞ୍ଚାରେ ଆରଏଫ୍‌ଏସ୍‌ଏଲ୍‌ଗୁଡ଼ିକର ନବୀକରଣ ପାଇଁ ମଧ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। କାରଣ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି ଯେ ବିଭିନ୍ନ ତଦନ୍ତକାରୀ ବା ଅନୁସନ୍ଧାନକାରୀ ବା ଗୁଇନ୍ଦା ସଂସ୍ଥା ସନ୍ଦିଗ୍ଧ କିମ୍ବା ଅଭିଯୁକ୍ତଙ୍କଠାରୁ ସତ୍ୟ ବାହାର କରିବା ପାଇଁ ତୃତୀୟ ଡିଗ୍ରି ପର୍ଯ୍ୟନ୍ତ ଚରମ ବିକଳ୍ପ ଭାବେ ଗ୍ରହଣ କରୁଛନ୍ତି। ଦିନକୁ ଦିନ ମାମଲା ସଂଖ୍ୟା ବି ବଢ଼ିବାରେ ଲାଗିଛି। ବର୍ଷକୁ ୨ଶହରୁ ଉର୍ଦ୍ଧ୍ୱ ମିଛଧରା ପରୀକ୍ଷା ହେଉଥିବା ଜଣାପଡ଼ିଛି। ଗୋଟିଏ ପଟେ ମାମଲା ବଢୁଥିବା ବେଳେ ଅନ୍ୟପଟେ ମାନବସମ୍ବଳରେ ସମସ୍ୟା ରହିଛି। ଅନେକ ସମୟରେ ଦୂରଦୂରାନ୍ତରୁ ଆସିବା ପାଇଁ ମଧ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ତଦନ୍ତରେ ବିଳମ୍ବ ହେଉଛି। ରାଜ୍ୟର ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱର ଆଦି ଜିଲ୍ଲାରେ ଥିବା ୩ଟି ଆଞ୍ଚଳିକ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଆରଏଫ୍‌ଏସ୍‌ଏଲ୍) କେନ୍ଦ୍ରକୁ ଏସ୍‌ଏଫ୍‌ଏସ୍‌ଏଲ୍ ଭଳି ସମସ୍ତ ସୁବିଧା ରହିବ। ସେଠାରେ ମିଛଧରା ପରୀକ୍ଷା, ଲ୍ୟାଡ୍ ଭଏସ୍ ଆନାଲିସିସ୍ ଟେଷ୍ଟ(ଏଲ୍‌ଭିଏ)ଭଳି ଅନ୍ୟ ସମସ୍ତ ପରୀକ୍ଷଣ ହେବ। ଏହି ପରୀକ୍ଷାଗୁଡ଼ିକ ସେତେ ଜଟିଳ ହୋଇନଥିବାରୁ ସମସ୍ତ ଆଞ୍ଚଳିକ କେନ୍ଦ୍ରରେ କରିବାକୁ ପ୍ରସ୍ତାବ ଦିଆଯାଇଛି।

# ପାଣି ପାଇପ ଯୋଗୁ ରାସ୍ତା ଛାରଖାର : ସାଧାରଣରେ ତୀବ୍ର ପ୍ରତିକ୍ରିୟା

ସାଲେପୁର, ୩୦/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ଘରେ ଘରେ ପିଇବା ପାଣି ଯୋଗାଇ ଦେବା ପାଇଁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ଜିଗ୍ନିପୁର ପଂଚାୟତ ଦେଇ ଯାଇଥିବା ପାଟପୁର-ରାଇସୁଙ୍ଗୁଡା ରାସ୍ତା ଏବଂ ନତକାଇ ପଂଚାୟତ ଦେଇ ଯାଇଥିବା ନିଶ୍ଚିନ୍ତକୋଇଲି-କାଜିହାଟ ରାସ୍ତା ପାର୍ଶ୍ୱର୍ରେ ଏବେ ପାଇପ ବିଛଇବା କାର୍ଯ୍ୟ କରାଯାଉଛି। ନିୟମାନୁସାରେ ରାସ୍ତା ପାର୍ଶ୍ୱର୍କୁ ଖୋଳି ସଙ୍ଗେ ସଙ୍ଗେ ସେଥିରେ ପାଇପ ପକାଯାଇ ପୋତି ଦିଆଯିବା କଥା। ହେଲେ ଠିକାଦାରଙ୍କ ଦାୟିତ୍ୱ ହୀନତା ପାଇଁ ରାସ୍ତା ପାର୍ଶ୍ୱର ଖୋଳାଯାଇ ସଙ୍ଗେ ସଙ୍ଗେ ପୋତାଯାଉନଥିବାରୁ ରାସ୍ତା ଗୁଡିକ ଛାର ଖାର ହୋଇଯାଉଛି। ଯାହାଦ୍ୱାରା ଯାତାୟାତ କରିବା ପାଇଁ ପଥିକମାନେ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ଜିଗ୍ନିପୁର ଶ୍ରୀ ବଳଦେବଜୀଉଙ୍କର ଶ୍ରୀଗୁଣ୍ଡିଚା ମନ୍ଦିର ଦେଇ ଯାଇଥିବା ରାସ୍ତା ପାର୍ଶ୍ୱର୍ରେ ପାଇପ ପକାଯିବା ପାଇଁ ଠିକାଦାର ଜଣକ ଦୀର୍ଘ ଦିନ ହେବ ଏହାକୁ ଖୋଳିଥିଲେ ମଧ ପୋତି ନଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଥିଲା। ଆଗକୁ ମାହାଙ୍ଗା ମହୋତ୍ସବ ହେବା ପାଇଁ ଖୋଳାଯାଇଥିବା ରାସ୍ତା ପାର୍ଶ୍ୱର୍କୁ ପୋତିବା ନିମନ୍ତେ ଠିକାଦାରକୁ କୁହାଯାଇଥିଲା। ଖୋଳାଯାଇଥିବା କଂକ୍ରିଟ ରାସ୍ତାରେ ଠିକାଦାର ଜଣକ ପୋତିବା ସମୟରେ ସେଥିରେ ଚିପ୍ସ ଓ ସିମେଂଟ ବ୍ୟବହାର ନକରି ବଜୁରୀ ଓ ସିମେଣ୍ଟ ମିଶାଇ ପୋତେଇ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରିଥିବାରୁ ସେଥିରେ ଯାତାୟାତ କରୁଥିବା ଚାରିଚକିଆ ଓ ଦୁଇ ଚକିଆ ଯାନ ପଡି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହାଛଡା ଶକ୍ତିଶ୍ୱର ମନ୍ଦିର ଦେଇ ଯାଇଥିବା ରାସ୍ତା ପାର୍ଶ୍ୱର୍କୁ ଖୋଳି ରାସ୍ତା ମଝିରେ ମାଟି ଗଦା କରିଦିଆଯାଇଥିବାରୁ ବର୍ଷାରେ ଗଦା ହୋଇଥିବା ମାଟି ଗୁଡିକ କାଦୁଅ ହୋଇ ଯାତାୟାତ ପାଇଁ ସମସ୍ୟା ଉପୁଜୁଛି। ବହୁ ଦୁଇ ଚକିଆ ବାଇକ ଆରୋହୀମାନେ ଏହି କାଦୁଅରେ ଚକ ଖସିଯିବାରୁ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖାଯାଇଛି। ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଗାଁ ଗହଳିରେ ହୋଇଥିବା କଂକ୍ରିଟ ରାସ୍ତା ଗୁଡିକ ଖୋଳାଯାଇ ନଷ୍ଟଭ୍ରଷ୍ଟ କରାଯାଉଥିଲା ବେଳେ ଅନେକ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ କରାଯାଇଥିବା ରାସ୍ତା ପାର୍ଶ୍ୱର୍କୁ ଖୋଳାଯାଇ ଛାର ଖାର୍ କରାଯାଉଛି। ଦୀର୍ଘ ଦିନ ହେବ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ଜଗନ୍ନାଥପୁର, ନାହାଳପୁର, ନରେନ୍ଦ୍ରପୁର ପଂଚାୟତର କାକୁଡିଆପଡା, ସୁକରପଡା, ନତକାଇ, ନିଶ୍ଚିନ୍ତକୋଇଲି ଆଦି ଅନେକ ସ୍ଥାନରେ ଏହି ରାସ୍ତାଖୋଳା ସମସ୍ୟା ଦେଖାଯାଇଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଠିକାଦାର ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ନେଇ ତାଲିମ ଶିବିର

ଜୟପୁର, ୩୦/୦୪ (ନି.ପ୍ର): ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ ଓ ପୌରାଂଚଳର ଗଣନାକାରୀ ଓ ପରିଦର୍ଶକଙ୍କୁ ତାଲିମ ଦିଆଯାଇଛି। ଜୟପୁର ଟାଉନ ହଲରେ ଆୟୋଜିତ ଶିବିରରେ ଯୋଜନା ବୋର୍ଡର ଉପ ନିର୍ଦ୍ଦେଶକ ସୁର୍ଯ୍ୟକାନ୍ତ ବେହେରା ବେହେରା, ବିଡିଓ ରାଜୀବ ଦାସ, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଇଓ ଶ୍ରୀକାନ୍ତ ଜାନି ,ଏବିଡିଓ ମନୋଜ ନାୟକ ,ଏବିଓ ମୁତ୍ୟୁଞ୍ଜୟ ପଣ୍ଡା ତାଲିମ ପ୍ରଦାନ କରିଥିଲେ। ଶିକ୍ଷକ, ଶିକ୍ଷୟତ୍ରୀ, ଅଙ୍ଗନବାଡୀ କର୍ମୀ ଓ ଆଇସିଡିଏସ ସୁପରଭାଇଜର . ପୌର କର୍ମଚାରି ଗଣନାକାରୀ ଓ ପରିଦର୍ଶକ ଭାବେ ତାଲିମ ନେଇଥିଲେ। ମେ୧ ରୁ ୨୭ ତାରିଖ ଯାଏ ସର୍ଭେ ହେବ। ପ୍ରତ୍ୟେକ ରାଜସ୍ୱ ଗ୍ରାମ ରେ ଥିବା ସ୍କୁଲ କିମ୍ବା ଅଙ୍ଗନବାଡୀ କେନ୍ଦ୍ର ରେ ସେଂଟର କରାଯାଇଛି।

## ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ ଜରୁରୀ । ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ? ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ । ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା'ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ । ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ ।

♦ ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ । ଦେଖିବେ ପୋଡା ଦାଗ ଛାଡିଯିବ ।

♦ ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ । ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ । ରୁଟି ନରମ ଓ ସୁଆଦିଆ ହେବ ।

♦ ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ । ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ । ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ ।

♦ ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ । ପରେ ଭଲ ପାଣିରେ ଧୋଇଦିଅନ୍ତୁ । ଜାର ଭଲରେ ସଫା ହୋଇଯିବ ।

♦ ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ । ଏପରି କଲେ ପନିର ସତେଜ ରହିବ ।

# କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଣ୍ଟ

ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ' । ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ । ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ । କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ ବଢ଼ି ବଢ଼ି ଚାଲିଥାଏ । ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ । ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ । ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି ।

ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ । ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି । ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ ।

ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..

❐ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ । କିନ୍ତୁ ଆପଣଙ୍କର





ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ । ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ ।

❐ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ । ଡେରିରେ ଉଠିବା ଖରାପ ଜାଣି ମଧ ଆମେ ତାକୁ ଅଣଦେଖା କରିଥାଉ । ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ ଦେଖାଦେଇଥାଏ । ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ । କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ ।

❐ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ । ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ । ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ ।

❐ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ । ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ । ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ ।

❐ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି । ସେଥିପାଇଁ କାମରେ ଡେରି ହୋଇଥାଏ । ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ । ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଜଣରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

♦ କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ ଅନେକାଂଶରେର ହ୍ରାସ ପାଇଥଏ ।

♦ ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

♦ ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।



## ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ । ସମସ୍ତେ ଏହି କଥାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

## ପଏଜନ୍ ଗାର୍ଡେନ୍

କିଛି ନୂଆ ଜିନିଷ ବିଷୟରେ ଜାଣିବା ପରେ ଅବା ଛୁଇଁବା, ସମସ୍ତଙ୍କୁ ଭଲ ଲାଗେ ।ବେଳେ ବେଳେ ଛୁଇଁବାକୁ କିନ୍ତୁ ଡର ଲାଗେ । କାରଣ ଜିନିଷଟି ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଥାଏ । ଆମେ ବିଭିନ୍ନ ପ୍ରକାର ଗଛ ଦେଖିଛେ । ସେଥିମଧ୍ୟରୁ କିଛି ଏମିତି ବି ଗଛ ଅଛି ଯେଉଁଥିରେ ବିଷ ରହିଥାଏ । ଏମିତି ଏକ ଗାର୍ଡେନ୍ ଅଛି ଯେଉଁଠାରେ ଅଧିକାଂଶ ବିଷ ଗଛ ଦେଖିବାକୁ ମିଳିବ । ସେ ଗଛ ସବୁ ଛୁଇଁଲେ ମଣିଷ ମରିଯିବ । ଏହା ହେଉଛି ଇଂଲଣ୍ଡର ନର୍ଥୟୁମ୍ବରଲାଣ୍ଡ୍‌ରେ ଥିବା 'ଅଲନ୍ୟିକ୍ ପଏଜନ୍ ଗାର୍ଡେନ୍' । ନର୍ଥୟୁମ୍ବରଲାଣ୍ଡ୍‌ର ରାଣୀ ଏହି ଗାର୍ଡେନ୍‌କୁ ୧୭୫୦ରେ ତିଆରି କରିଥିଲେ । ସେ ଚାହୁଁଥିଲେ କି ଏହି ଗାର୍ଡେନ୍ ନିଜର ଅଦ୍ୱିତୀୟ ବା ନିଆରା ଗୁଣ ପାଇଁ ଜଣାଯିବ । ଏହା କରିବା ପଛରେ ରାଣୀଙ୍କ ଉଦ୍ଦେଶ୍ୟ ଥିଲା ଲୋକମାନେ ଏହି କଥା ଜାଣିବା ଦରକାର ଯେ ଯଦି ଉଦ୍ଭିଦକୁ ଔଷଧ ରୂପରେ ପ୍ରୟୋଗ କରାଯାଇପାରିବ, ତେବେ ମଣିଷର ଜୀବନ ନେବା କ୍ଷମତା ବି ଗଛର ଅଛି ବୋଲି ଜାଣିବା ଦରକାର ।




# ଅଙ୍ଗୁର ଖାଇବାର ୫ଟି ଫାଇଦା, କୋଲେଷ୍ଟ୍ରଲକୁ କମ କରିବା ସହ ଏହି ରୋଗକୁ ମଧ କରିଥାଏ ଦୂର

**ଗ୍ରୀଷ୍ମ ଋତୁ ଆରମ୍ଭ ହୋଇସାରିଛି । ଏହି ଋତୁରେ ଶରୀରକୁ ହାଇଡ୍ରେଟ୍ ଏବଂ ସୁସ୍ଥ ରଖିବା ଅତ୍ୟନ୍ତ ଜରୁରୀ, ତେଣୁ ଗ୍ରୀଷ୍ମ ଋତୁରେ ଫଳ ଏବଂ ପନିପରିବା ଖାଇବାକୁ ପରାମର୍ଶ ଦିଆଯାଇଛି । ଅଙ୍ଗୁର ମଧ ଏହିପରି ଏକ ଫଳ, ଯାହା ଆପଣଙ୍କୁ କେବଳ ହାଇଡ୍ରେଟ୍ ରଖେ ନାହିଁ, ବରଂ ଶରୀରକୁ ଅନେକ ରୋଗରୁ ମଧ ରକ୍ଷା କରିଥାଏ । ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି, ତେବେ ଏହା ଆପଣଙ୍କୁ କୋଲେଷ୍ଟ୍ରଲ, ରକ୍ତଚାପ, ଚିନି, କର୍କଟ ଭଳି ବିପଜ୍ଜନକ ରୋଗରୁ ରକ୍ଷା କରିପାରିବ । ଆସନ୍ତୁ ଆଜି ଆପଣଙ୍କୁ ଅଙ୍ଗୁର ଖାଇବାର ଉପକାର ବିଷୟରେ କହିବା ।**

ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦୂର କରେ: ହେଲ୍ଥଲାଇନରେ ପ୍ରକାଶିତ ଏକ ଖବର ଅନୁଯାୟୀ, ଅଙ୍ଗୁରରେ ଭିଟାମିନ୍ କେ ଏବଂ କପର ମିଳିଥାଏ, ଯାହା ରକ୍ତ ଜମାଟ ବାନ୍ଧିବା ବ୍ୟତୀତ ଶକ୍ତି ବୃଦ୍ଧି କରିବାରେ ମଧ କାମ କରିଥାଏ । ଏହା ମଧ ଆମର ହାଡକୁ ଶକ୍ତିଶାଳୀ କରିଥାଏ । ଏହା ବ୍ୟତୀତ ଫାଇବର, ଭିଟାମିନ୍ ବି ୬, ପୋଟାସିୟମ୍, ଭିଟାମିନ୍ ସି, ମାଙ୍ଗାନିଜ୍ ଭଳି ପୋଷକ ତତ୍ତ୍ୱ ମଧ ମିଳିଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

-ହୃଦଘାତରୁ ଦୂରେଇ ରଖେ: ହୃଦଘାତକୁ ଏଡାଇବା ପାଇଁ କଳା ଅଙ୍ଗୁର ରସ ଆସ୍ପିରିନ୍ ଟାବଲେଟ୍ ପରି ପ୍ରଭାବଶାଳୀ । ଆସ୍ପିରିନ୍ ରକ୍ତ ଜମାଟ ବାନ୍ଧିବାକୁ ଦିଏ ନାହିଁ । କଳା ଅଙ୍ଗୁର ରସରେ ଫ୍ଲାଭୋନାଏଡ୍ ନାମକ ଏକ ଉପାଦାନ ଥାଏ ଏବଂ ସମାନ କାର୍ଯ୍ୟ କରିଥାଏ ।



କୋଲେଷ୍ଟ୍ରଲ ପାଇଁ ଉପକାରୀ: ଯଦି ଆପଣ କୋଲେଷ୍ଟ୍ରଲ ସମସ୍ୟାରେ ପୀଡିତ ତେବେ ଆପଣ ପ୍ରତିଦିନ ଅଙ୍ଗୁର ଖାଇବା ଉଚିତ୍ । ଦୈନିକ ୫୦୦ ଗ୍ରାମ ଲାଲ୍ ଅଙ୍ଗୁର ଖାଇବା ଦ୍ୱାରା ଏହା ଆପଣଙ୍କ ଖରାପ କୋଲେଷ୍ଟ୍ରୋଲ୍ ହ୍ରାସ କରିବାରେ ଶୀଘ୍ର କାମ କରିପାରେ । କେବଳ ଏତିକି ନୁହେଁ, ଅଙ୍ଗୁରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନ ମଧ କୋଲେଷ୍ଟ୍ରଲ ସ୍ତର ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

-ଆଖି ପାଇଁ ଲାଭଦାୟକ: ଅଙ୍ଗୁର ଆଖି ପାଇଁ ବହୁତ ଲାଭଦାୟକ । ଅଙ୍ଗୁରରେ ଅନେକ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ, ଯାହା ଶରୀରରେ ଫ୍ରି ରେଡିକାଲ୍ସର କ୍ଷତି ଏବଂ କୋଷର କ୍ଷତି କରିବାରେ ଉପକାରୀ ଅଟେ । ଫ୍ରି ରେଡିକାଲ୍ କାରଣରୁ କର୍କଟ, ହୃଦ ରୋଗ, ମଧୁମେହ ଇତ୍ୟାଦି ହେବାର ସମ୍ଭାବନା ବଢିଥାଏ । ଏହା ଚର୍ମ, କେଶ ଏବଂ ଆଖି ପାଇଁ ମଧ ଲାଭଦାୟକ ଅଟେ । ଏହି ଉପାୟରେ, ଆପଣ ଖାଦ୍ୟରେ ଅଙ୍ଗୁର ଅନ୍ତର୍ଭୁକ୍ତ କରିବା ଜରୁରୀ ।

-ସ୍ମୃତି ପାଇଁ ଭଲ: ଯଦି ଆପଣ ପ୍ରତିଦିନ ୨୫୦ ଗ୍ରାମ ଅଙ୍ଗୁର ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ମୃତି ପାଇଁ ଭଲ । ଏହା ମସ୍ତିଷ୍କର ସ୍ୱାସ୍ଥ୍ୟକୁ ବିକଶିତ କରାଇଥାଏ । ଏହା ମଧ ଆପଣଙ୍କ ମନୋବଳକୁ ଭଲ ରଖେ ଏବଂ ଆପଣଙ୍କୁ ଅଲଜାଇମର ଭଳି ରୋଗରୁ ମଧ ଦୂରେଇ ରଖିଥାଏ । ଏହା ବ୍ୟତୀତ ଏହା ଆପଣଙ୍କୁ ଫଙ୍ଗଲ୍ ସଂକ୍ରମଣ ଏବଂ ଜୀବାଣୁରୁ ରକ୍ଷା କରିବାରେ ମଧ ସାହାଯ୍ୟ କରେ ।

## ସୁଗାର -ହାଇ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରେ ଏହି ୩ ପତ୍ର: ଖାଲି ପେଟରେ ଖାଇବା ଅତ୍ୟନ୍ତ ଲାଭଦାୟକ

ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗରେ ପୀଡିତ ଅଛନ୍ତି । ଏହି ଦୁଇଟି ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ଅନେକ ସମସ୍ୟାକୁ ଆମନ୍ତ୍ରଣ କରିପାରେ । ମଧୁମେହ ପାଇଁ ଘରୋଇ ଉପଚାର ଏବଂ ଉଚ୍ଚ ରକ୍ତଚାପ ପାଇଁ ପ୍ରାକୃତିକ ଉପଚାର ଅତ୍ୟନ୍ତ ଲାଭଦାୟକ ଏବଂ ପ୍ରଭାବଶାଳୀ ହୋଇପାରେ । ପ୍ରାୟତ ଆମେ ଏହି ପ୍ରମୁଖ ରୋଗଗୁଡ଼ିକୁ ନିୟନ୍ତ୍ରଣ କରିବାର ସହଜ ଉପାୟ ବିଷୟରେ ଜାଣିନଥାଉ । ଯେଉଁ କାରଣରୁ ଆମେ କେବଳ ଔଷଧ ଉପରେ ନିର୍ଭର କରୁ । ତେବେ ମଧୁମେହ ଏବଂ ସାଧାରଣ ରକ୍ତଚାପ ପାଇଁ ସାଧାରଣ ସନ୍ତୁଳନ ଖାଦ୍ୟ ବା ସୁସ୍ଥ ଖାଦ୍ୟ ବଜାୟ ରଖିବା ଆବଶ୍ୟକ । ଏଠାରେ ତିନୋଟି ପତ୍ରର ମିଶ୍ରଣ ଅଛି । ଯାହା ପ୍ରତିଦିନ ସକାଳେ ଖାଲି ପେଟରେ ଖାଇଲେ ମଧୁମେହ ଏବଂ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଆଶ୍ଚର୍ଯ୍ୟଜନକ କାମ କରିଥାଏ ।

– ତୁଳସୀକୁ ଔଷଧୀୟ ଗୁଣର ରାଣୀ କୁହାଯାଏ । ଏହା ଆମ ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଖାଲି ପେଟରେ ବେସନ ପତ୍ର ଖାଇବା ଦ୍ୱାରା ଟାଇପ୍-୨ ମଧୁମେହ ରୋଗୀଙ୍କ ରକ୍ତରେ ସୁଗାର ଲେବଲ କମିଯାଏ । କିନ୍ତୁ ଯଦି ଆମେ ଏହାକୁ ଅଧିକ ମାତ୍ରାରେ ଖାଇଲେ ଦାନ୍ତର ଏନାଲ୍ କ୍ଷତି ହୋଇପାରେ । ତେଣୁ ଏହି ପତ୍ରଗୁଡ଼ିକୁ ଏକ ମିଶ୍ରଣରେ କିଛି ପାଣି ସହିତ ମିଶାଇ ଏହାକୁ ଖାଇବା ଭଲ ।

– ଭୁସରଙ୍ଗ ପତ୍ର ଭାରତୀୟ ପତ୍ରରେ ବ୍ୟବହୃତ ହେଉଥିବା ତରକାରୀ ପତ୍ର ଏକ ସାଧାରଣ ଉପାଦାନ । ପତ୍ରଗୁଡ଼ିକ କେବଳ ଆପଣଙ୍କ ଖାଦ୍ୟରେ ସୁଗନ୍ଧ ଯୋଗାଏ ନାହିଁ ବରଂ ଅନେକ ସ୍ୱାସ୍ଥ୍ୟ ଉପକାର ମଧ କରିଥାଏ । ତରକାରୀ ପତ୍ରର ନିୟମିତ ବ୍ୟବହାର ଇନସୁଲିନ୍ ତିଆରି କରୁଥିବା କୋଷଗୁଡ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହି କୋଷଗୁଡ଼ିକ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

– ନିମ୍ବ ପତ୍ରର ଅନେକ ସ୍ୱାସ୍ଥ୍ୟ ଉପକାର ମଧ ଅଛି । ପ୍ରମାଣ ଅଛି ଯେ ପ୍ରତିଦିନ ନିମ୍ବ ପତ୍ର ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର କମିଯାଏ । ଯଦି ଆପଣଙ୍କର ମଧୁମେହ ଅଛି, ତେବେ ନିୟମିତ ଭାବରେ ଆପଣଙ୍କର ରକ୍ତରେ ସୁଗାର ସ୍ତର ଉପରେ ନଜର ରଖନ୍ତୁ କାରଣ ଅଧିକ ଖାଇବା ଦ୍ୱାରା ଆପଣଙ୍କ ରକ୍ତରେ ସୁଗାର ବହୁତ କମ୍ ହୋଇପାରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନକ୍ସଲ ନିପାତ...

ଏମିତି ଏକ ପରିବେଶ, ଯେଉଁଠି ମାଓବାଦୀମାନଙ୍କ ଗଡ଼ ଥିଲା ଏବଂ ଯେଉଁଠାକୁ ଦଳମାନଙ୍କ ପ୍ରବେଶକୁ ଏକଦା ଦୁରୁହ ମନେ କରାଯାଉଥିଲା, ସେଠାରେ ସାହସୀ ସୁରକ୍ଷା ବଳ ବେଶ୍ କିଛି ବର୍ଷ ହେବ ଆତଙ୍କରାଜ ଚଳାଇ ଥିବା ମାଓବାଦୀମାନଙ୍କୁ ପଛଘୁଞ୍ଚା ଦେବାକୁ ବାଧ କରିଥିଲେ ସେମାନଙ୍କ ସମ୍ବଳ ଓ ସାଧନର ଆଗମନକୁ ସଂକୁଚିତ କରି। କିନ୍ତୁ ବୁଧବାର ଦିନ ସେହି ଛତିଶଗଡ଼ର ଦାନ୍ତେୱାଡ଼ା ଅଞ୍ଚଳରେର ପୁଣିଥରେ ମାଓବାଦୀମାନେ ଏକ ପୁଲିସ ଗାଡ଼ି ଉପରେ ଆକ୍ରମଣ କରି ଗାଡ଼ିର ଡ୍ରାଇଭର ଏବଂ ଦଶଜଣ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିବା ଘଟଣା କେବଳ ସମଗ୍ର ଦେଶବାସୀଙ୍କ ମନରେ ଆଶ୍ଚର୍ଯ୍ୟ ଭାବ ସୃଷ୍ଟି କରି ନାହିଁ, ବରଂ ଚେତାଇ ଦେଇଛି ଯେ ତୁରନ୍ତ ଏ ବାବଦରେ ସଂଶୋଧନାତ୍ମକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ଏହି ଆକ୍ରମଣରେ ଲାଲ୍ ବାହିନୀ ଉନ୍ନତ ବିସ୍ଫୋରକ ଉପକରଣ (ଆଇଇଡି) ବ୍ୟବହାର କରି ଏକ ମିନିଭ୍ୟାନ୍‌କୁ ଉଡ଼ାଇ ଦେଇଛନ୍ତି। ବିଗତ ଦୁଇ ବର୍ଷ ଭିତରେ ପ୍ରାୟ ଏଭଳି ଧରଣର ଘଟଣା ଘଟି ନଥିବା ଏକ ଅଞ୍ଚଳର ମାଓ ବିରୋଧୀ ଅପରେସନ୍ ସାରି ପୁଲିସ ବାହିନୀ ଫେରୁଥିବା ବେଳେ ସେମାନଙ୍କ ଉପରେ ହୋଇଥିଲା ଆକ୍ରମଣ । ବିସ୍ଫୋରଣର ପରବର୍ତ୍ତୀ ଅବସ୍ଥା ଏବଂ ସେହି ଗାଡ଼ି ଓ ଅଞ୍ଚଳ ଉପରେ ପଡ଼ିଥିବା ପ୍ରଭାବ ଦର୍ଶାଇଛି ଯେ ନିଷିଦ୍ଧ କରାଯାଇଥିବା ମାଓବାଦୀମାନେ କେବଳ ଉପଯୁକ୍ତ ଭାବରେ ପାଣ୍ଠି ପାଉ ନାହାନ୍ତି, ସେମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାର ପ୍ରଶିକ୍ଷଣ ମଧ୍ୟ ପାଉଛନ୍ତି । ବିରୋଧାଭାସର କଥା ହେଉଛି, ଏହି ଆକ୍ରମଣରେ ନିହତ ହୋଇଥିବା ପୁଲିସମାନେ, ଏବଂ ପୂର୍ବ ଘଟଣାରେ ମଧ ଯେଉଁ ପୁଲିସମାନେ ନିହତ ହୋଇଥିଲେ, ସେମାନେ ପ୍ରାୟତଃ ସମାଜର ଗରିବ ଏବଂ ପଛୁଆ ଶ୍ରେଣୀର, ଯେଉଁମାନଙ୍କ ଉତ୍‌ଥାନ ବା ସ୍ୱାର୍ଥ ପାଇଁ ମାଓ ବାଦୀମାନେ କାମ କରୁଛନ୍ତି ବୋଲି ଦାବି କରନ୍ତି । ଅଧିକାଂଶ ଭାରତୀୟ, ଯେଉଁମାନେ ଏହି ଆକ୍ରମଣ ସ୍ଥଳୀର ଛବି ଦେଖୁଛନ୍ତି, ସେମାନଙ୍କ ମନରେ କ୍ୱଚିତ୍ କୌଣସି ସନ୍ଦେହ ଥିବ ଯେ ଏହି ଅମାନବୀୟ କାଣ୍ଡ ଜୀବନ, ଅଧିକାର ବା ସାମାଜିକ ବ୍ୟବହାର ପ୍ରତି ଆଦୌ ଖାତିର କରା ନଯାଇ ଅଧ ?କରୁ ଅଧିକ ସଂଖ୍ୟକ ଲୋକଙ୍କ ଜୀବନ ହାନି ଉଦ୍ଦେଶ୍ୟରେ କରାଯାଇଥିଲା । ଅନ୍ୟ ଏକ ଗୋଷ୍ଠୀ ବିଶ୍ୱାସ କରନ୍ତି ଯେ କେବଳ କେତେକ ବଛା ବଛା କରିଡର ନୁହେଁ, ସମଗ୍ର ବସ୍ତର ଅଞ୍ଚଳରେ ମାଓ – ବିରୋଧୀ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଅଧିକ ତତ୍ପରତା ପ୍ରକାଶ ପାଇବାର ଆବଶ୍ୟକତା ରହିଛି । ଏକ ତୃତୀୟ ଧାରାର ଚିନ୍ତାଶୀଳ ବ୍ୟକ୍ତିମାନେ କୁହନ୍ତି ଯେ ସାମ୍ପ୍ରତିକ ସମୟରେ ମାନବୀୟ ଗୁଇନ୍ଦା କାର୍ଯ୍ୟ ତା'ର ନିପୁଣତା ହରାଇଛି ଏବଂ ଏହାକୁ ଯଥାଶୀଘ୍ର ବଳିଷ୍ଠ କରାଯିବା ଆବଶ୍ୟକ । ନିଃସନ୍ଦେହରେ ବିସ୍ଫୋରଣ ଦିଗରେ ବାଟ କଢ଼ାଇ ନେଇଥିବା କାର୍ଯ୍ୟଗୁଡ଼ିକର ଘଟଣାକ୍ରମ ଅନେକଗୁଡ଼ିଏ ପ୍ରଶ୍ନ ସୃଷ୍ଟି କରେ। ଲାଲ୍ ବାହିନୀଙ୍କ କରିଡରରେ ପୁଲିସ ବାହିନୀ ଚଳପ୍ରଚଳ କରିବା ବେଳେ ମାନକ କାର୍ଯ୍ୟକାରୀ ପଦ୍ଧତି (ଏସ୍‌ଓପି)ଗୁଡ଼ିକ ପାଳନ କରାଯାଇଥିଲା କି ? ପୁଲିସମାନଙ୍କୁ ପରିବହନ କରିବା ପାଇଁ କାହିଁକି ଏକ ଘରୋଇ ମିନିଭ୍ୟାନ୍ ଭଡ଼ାରେ ନିଆଯାଇଥିଲା ? ଆତଙ୍କୀମାନେ ଏହି ପୁଲିସ ବଳଙ୍କ ଚଳପ୍ରଚଳ ଏବଂ ଯାତ୍ରାର ପଥ ସମ୍ପର୍କରେ ଆଗରୁ ଜାଣିଥିଲେ କି ? ଏହି ବିଦ୍ରୋହୀମାନେ ଏକ ପୁଲିସ ଥାନାର ଏତେ ନିକଟରେ କେମିତି ୪୦ କିଲୋଗ୍ରାମର ବିସ୍ଫୋରକ ଖଞ୍ଜି ପାରିଲେ ? ସେମାନେ କେମିତି ଏକ ନବନିର୍ମିତ କଳା-ପିଚୁ ପଡ଼ିଥିବା ରାସ୍ତା କଡ଼ରେ ଲୁଚି ରହି ପାରିଲେ, ଯାହା କେହି ଜାଣି ପାରିଲେ ନାହିଁ ? ଏକ ନିର୍ଦ୍ଦେଶ ଅନୁସାରେ କାମ କରୁଥିବା ଆଇଇଡି କେହି ଜଣେ ନିକଟରେ ରହି ଏହାର ଟ୍ରିଗର ବା ତାରକୁ ଟାଣିବା ଆବଶ୍ୟକ କରିଥାଏ, ଏବଂ ତଦନ୍ତକାରୀମାନେ ସୂଚନା ଦେଇଛନ୍ତି ଯେ ଏହି ନୂଆ ସଡ଼କ କଡ଼ରେ ରହିଥ ?ବା ଜଙ୍ଗଲରେ ତିନିଜଣ ବିଦ୍ରୋହୀ ଲୁଚି ରହିଥିଲେ । ପ୍ରଶ୍ନ ଉଠେ, ସେମାନେ କେମିତି ପୁଲିସ ନଜରରେ ପଡ଼ିଲେ ନାହିଁ ? ଏସବୁ ପ୍ରଶ୍ନର ତେଣୁ ତଦନ୍ତ ସମୟରେ ଉତ୍ତର ଖୋଜାଯିବା ବ୍ୟତୀତ ତୁରନ୍ତ ସଂଶୋଧନାତ୍ମକ କାର୍ଯ୍ୟାନୁଷ୍ଠାନ କରାଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହିତ ମୃତକମାନଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି । ବେଶ୍ କିଛି ବର୍ଷ ହେବ କେତେକ ରାଜନୀତିକ ଏବଂ ସାମାଜିକ ଗୋଷ୍ଠୀ ଲୋକମାନଙ୍କୁ ଭୁଲ୍ ବାଟରେ ପରିଚାଳିତ କରିବା ସହିତ ଜନଜାତି ଅଧୁଷିତ ଏବଂ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ଘଟୁଥିବା ହିଂସାକୁ ଏଭଳି ତିଳକୁ ତାଳ କରିବା ଢଙ୍ଗରେ ଉପସ୍ଥାପନ କରୁଛନ୍ତି, ସତେ ଯେମିତି ଏଗୁଡ଼ିକ ସବୁ ସାମାଜିକ ପ୍ରସଙ୍ଗ । ମାଓବାଦୀମାନଙ୍କର ଏହିସବୁ ନିକଟତମ ସମର୍ଥକମାନେ ଲୋକମାନଙ୍କୁ, ନୀତି ନିର୍ଦ୍ଧାରକମାନଙ୍କୁ, ସରକାର ଓ ଜନ ନେତାମାନଙ୍କୁ ମାଓବାଦୀମାନଙ୍କ ସହିତ ଶାନ୍ତି ଆଲୋଚନା କରିବାକୁ ପ୍ରଭାବିତ କରୁଛନ୍ତି । କହିବା ବାହୁଲ୍ୟ, ଏଇମାନେ ହିଁ ମାଓବାଦୀମାନଙ୍କୁ ପ୍ରୋତ୍ସାହିତ କରିବା ଭଳି କାର୍ଯ୍ୟ କରୁଛନ୍ତି । ଏସବୁ କାର୍ଯ୍ୟର ସବୁଦିନ ପାଇଁ ଅନ୍ତ ହେବା ଉଚିତ। ଏହି ହିଂସାରେ ଅନେକ ପୁଲିସ କର୍ମଚାରୀ, ଭଦ୍ର ଭାରତୀୟ ନାଗରିକ ଏବଂ ନିରୀହ ଜନସାଧାରଣ ସେମାନଙ୍କ ଜୀବନକୁ ବଳି ଦେଇ ସାରିଲେଣି । ସମୟ ଉପଗତ ହୋଇଛି, ଦେଶ ଯେମିତି ସୀମାପାର ଆତଙ୍କୀଙ୍କ ପାଇଁ କଠୋର ମନୋବୃତ୍ତି ଆପଣାଇଛି, ଦେଶ ଭିତରର ଆତଙ୍କୀଙ୍କ ପାଇଁ ମଧ ସମାନ ମନୋଭାବ ଆପଣାଇବା ଉଚିତ । ଭାରତକୁ ଆତଙ୍କର କବଳରୁ ଉଦ୍ଧାର କରାଯିବା ସର୍ବାଦୌ କାମ୍ୟ ।

# ଆମ ଜୀବନ ରେଖା : ମହାନଦୀର ମରମ ବୁଝିବାକୁ ହେବ!



## ପ୍ରଦୋଷ କୁମାର ଦାସ

ଓଡ଼ିଶାର ପଶ୍ଚିମ ଭାଗ ତଥା ପୂର୍ବ ଉପକୂଳ ମଧରେ ଜଳ ସମ୍ପଦର ସହକାର ଏବଂ ସଂପର୍କର ସେତୁବନ୍ଧ ଭଳି ମହାନଦୀ ହେଉଛି ଆମ ଓଡ଼ିଶାର ଜୀବନ ରେଖା ସଦୃଶ।

ଓଡ଼ିଶାର ସମୃଦ୍ଧିରେ ବିଶେଷ ଗୁରୁତ୍ୱ ରଖୁଥିବା ଏହାର ଜଳ ସମ୍ପଦ ଆମ ଜୀବନ ରେଖାର ଶକ୍ତ ରଜ୍ଜୁ ରୂପେ ପରିଗଣିତ। ଓଡ଼ିଶା ଛାତିରେ ମହାନଦୀର ଗତିଶୀଳତା ଉପରେ ଅବିଚାରିତ ଭାଗ ବସାଇ ପଡୋଶୀ ଛତିଶଗଡ ରାଜ୍ୟ ବିବାଦ ଘେରରେ ଦୀର୍ଘ ବର୍ଷ ହେଲା ନିଜକୁ ଛିଡ଼ା କରାଇଛି। ଓଡ଼ିଶାର ସ୍ୱାର୍ଥ କୁ ପଛକୁ ଠେଲି ଦେଇ ଏହାର ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଏକତରଫା ଦଖଲନାମା ଚଳାଇ ଛତିଶଗଡ଼ ରାଜ୍ୟ ଆମ ରାଜ୍ୟ ଓଡ଼ିଶା ପାଇଁ ସତେ ଯେମିତି କଣ୍ଟା ସାଜିଛି । ସାମ୍ପ୍ରତିକ ପରିସ୍ଥିତିରେ ଏହି ବିବାଦର ଏକ ଗଠନମୂଳକ ତଥା ଆଶୁସମାଧାନର ଆବଶ୍ୟକତା ରଖୁଛି। ମହାନଦୀର ସୁରକ୍ଷା ଓ ସ୍ଥିତି ରକ୍ଷା ପାଇଁ ଆମକୁ ବିଚାର କରିବାକୁ ହେବ।

ଆଇଆଇଟି ବମ୍ବେ ଓ ମାଡ୍ରାସ ପକ୍ଷରୁ ବହୁ ପୂର୍ବରୁ ହୋଇଥିବା ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ଗତ ୧୯୫୧ରୁ ୧୯୭୫ ମସିହାରେ ମହାନଦୀର ରହିଥିବା ସ୍ଥିତିଠାରୁ ପରବର୍ତ୍ତୀ ସମୟ ଗତ ୧୯୭୬ରୁ ୨୦୦୦ ମସିହା ମଧରେ ରହିଥିବା ଫରକ ମଧରେ ଆସିଥିବା ସ୍ଥିତିରେ ଶତକଡା ୧୦ ଭାଗ ହ୍ରାସ ପାଇଛି। ଯଦି ଏହି ଭଳି ଧାରା ଜାରି ରହିଲେ, ମହାନଦୀର ପରିସର ସଂକୁଚିତ ହେବାସହିତ ଏହାର ପ୍ରାକୃତିକ ଅବସ୍ଥିତିରେ ଅନେକ ନକରାତ୍ମକ ପରିବର୍ତ୍ତନ ଆସିବା ସୁନିଶ୍ଚିତ। ଏହା ବିଶେଷକରି ଉଭୟ ଆମ ରାଜ୍ୟ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଉପରେ ଜଳ ଓ କୃଷି ସମସ୍ୟା ତଥା ଆନୁସଂଗିକ ଜୈବ ବିବିଧତା କ୍ଷେତ୍ରରେ ମଧ ଗଭୀର ପ୍ରଭାବ ପକାଇବ। ଏହି କାରଣରୁ ଉଭୟ ରାଜ୍ୟ ବାସୀଙ୍କ ଜୀବନ ଧାରଣର ମାନ ରକ୍ଷା ଦିଗରେ ମଧ ଆଶଙ୍କା ପ୍ରକାଶ ପାଇବ । କାରଣ ପାରସ୍ପରିକ ବୁଝାମଣା ଅଭାବରୁ ଯଦି ମହାନଦୀ ଜଳ ବଣ୍ଟନରେ ଅନୀୟମିତତା ଜାରି ରହିଲେ ପଡୋଶୀ ପଡୋଶୀ ହୋଇ ରହିଥିବା ଉଭୟ ଓଡ଼ିଶା ଓ ଛତିଶଗଡ଼ ପାଇଁ ଶୁଭଙ୍କର ନୁହେଁ। ଗୋଟିଏ ପଟରେ ଛତିଶଗଡ଼ର ମହାନଦୀ ଅବବାହିକାରେ ଛଳ ଛଳ ଛଳ ଲହଡ଼ା ଭାଂଗୁଥିବା ବେଳେ ଓଡ଼ିଶାର ମହାନଦୀର ଅବବାହିକା ଶୁଖା ପଡ଼ିବା ନ୍ୟାୟୋଚିତ ନୁହେଁ। ପ୍ରାୟ ୮୫୧ କିମି ଦୀର୍ଘ ଉକ୍ତ ମହାନଦୀର ସ୍ଥିତି ପ୍ରତି ସାଂପ୍ରତିକ ପରିବର୍ତ୍ତିତ ଜଳବାୟୁର ଅନିୟମିତତା ଗଭୀର ପ୍ରଭାବ ପକାଇଚାଲିଥିବାରୁ ପରିବେଶବିତ୍‌ମାନଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଉଛି। ବର୍ଷା ଶୁନ୍ୟତା ଓ ଅତିରିକ୍ତ ବର୍ଷା ପ୍ରଭାବରେ ଉଭୟ ଜଳ ମରୁଡ଼ି ଓ ବନ୍ୟା ପ୍ଲାବନର ପରିସ୍ଥିତିକୁ ମଧ ଏହି ମହାନଦୀକୁ ଭୋଗ କରିବାକୁ ପଡୁଛି। ଉଲ୍ଲେଖଯୋଗ୍ୟ, ମହାନଦୀରେ ଛତିଶଗଡ଼ର ବେଆଇନ ବ୍ୟାରେଜ ନିର୍ମାଣ କାରଣରୁ ମହାନଦୀ ଜଳ ସହ ପରିପୃଷ୍ଟ ତଥା ଏହା ସହ ସଂଲଗ୍ନ ଆମ ରାଜ୍ୟର ପ୍ରାୟ ୧୬ଟି ଜିଲ୍ଲାର ନଦୀ ଜଳ ବିଶେଷ ପ୍ରଭାବିତ ହେଉଛି।

ଏତଦ ବ୍ୟତୀତ ମହାନଦୀ ସମେତ ଏହା ସଂଲଗ୍ନ ଶାଖା ନଦୀ ଗୁଡ଼ିକରେ ରହିଥିବା ଜୈବ ମଣ୍ଡଳ ଗୁରୁତର ପ୍ରଭାବିତ ହେବାରେ ଲାଗିଛି। ଅନୁଧ୍ୟାନରୁ ଜଣାଯାଏ, ଯେକୌଣସି ନଦୀରେ ସ୍ୱଭାବିକ ଜଳ ପ୍ରବାହ ପ୍ରକ୍ରିୟାକୁ ଅବରୋଧ କରାଗଲେ ଏହା ଉପରେ ନିର୍ଭରଶୀଳ ସମଗ୍ର ଜୈବମଣ୍ଡଳ ଗୁରୁତର ପ୍ରଭାବିତ ହେବା ଥୟ ଅଟେ। ମହାନଦୀର ଉପର ମୁଣ୍ଡରେ ଛୋଟବଡ ଏକାଧିକ ବ୍ୟାରେଜ ଓ ଆନିକଟ ନିର୍ମାଣ କରାଇ ଛତିଶଗଡ଼ ରାଜ୍ୟ ତାର ଶିଳ୍ପାୟନକୁ ସମୃଦ୍ଧ କରାଇବା ନିମନ୍ତେ ଓଡ଼ିଶାର ମହାନଦୀ ଜଳକୁ ଅଟକାଇବା ଏକ ପ୍ରମୁଖ କାରଣ ଅଟେ। ଏହାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧରେ ସୃଷ୍ଟ ବିବାଦ କ୍ରମେ ଘନେଇବାରେ ଲାଗିଛି। ଏଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ପ୍ରଥମେ ନିଜକୁ ଭାରତବାସୀ ଭାବେ ବିବେଚନା କରି ରାଜ୍ୟ, ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ନ୍ୟାୟୋଚିତ ଉପାୟରେ ଉଭୟ ରାଜ୍ୟର ସ୍ୱାର୍ଥ ରକ୍ଷା କରିବା ସହ ଆଦର୍ଶ ସ୍ଥାନୀୟ ବୁଝାମଣାରେ ଉପନୀତ ହୋଇ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ହେବ।

ସୂଚନା ମୁତାବକ, ମହାନଦୀ ଜଳ ବିବାଦକୁ ନେଇ ଆନ୍ତଃ ରାଜ୍ୟ ଜଳ ବିବାଦ ଆଇନ, ୧୯୫୬ ଅନୁସାରେ ଗଠିତ ଟ୍ରିବ୍ୟୁନାଲ ଶୁଣାଣି ଜାରି ରହିଛି। ଏହି ପ୍ରସଙ୍ଗରେ ଗତ ୨୦୧୮ ମସିହାରୁ ମାନ୍ୟବର ଟ୍ରିବ୍ୟୁନାଲର ଶୁଣାଣି ଚାଲିଥିବା ଅବସରରେ ନିକଟରେ ସରଜମିନ ଅନୁଧ୍ୟାନ ନିମନ୍ତେ ଟ୍ରିବ୍ୟୁନାଲଙ୍କ ଏକ ପ୍ରତିନିଧି ଦଳ ଉଭୟ ଛତିଶଗଡ଼ ଓ ଆମ ରାଜ୍ୟ ଓଡ଼ିଶାର ମହାନଦୀ ସଂଲଗ୍ନ ବିଭିନ୍ନ କ୍ଷେତ୍ର ପରିଦର୍ଶନ ପାଇଁ ଆସୁଥିବା ପ୍ରକାଶ । ଟ୍ରିବ୍ୟୁନାଲର ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ.ଏମ ଖାନୱିଲକରଙ୍କର ଅଧ୍ୟକ୍ଷତାରେ ଏହି ଟିମ୍‌ରେ ଅନ୍ୟ ସଦସ୍ୟ ଯଥା ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ରବି ରଞ୍ଜନ, ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଇନ୍ଦ୍ରମିତ କୌର କୋଚରଙ୍କ ସମେତ ରେଜିଷ୍ଟ୍ରାର, ୨ ଆସେସର, ଉଭୟ ରାଜ୍ୟ ର ଜଳସମ୍ପଦ ଅଧିକାରୀ, ଆଇନଜୀବୀ ଓ ବୈଷୟିକ ଟିମ୍ ସଦସ୍ୟ ସାମିଲ୍ ରହିଛନ୍ତି ୧୦ରୁ ୧୪ ତଥା ପରବର୍ତ୍ତୀ ଆସନ୍ତା ମେ ମାସ ୧୮ରୁ ସେ ୨୨ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଓଡ଼ିଶା ଗସ୍ତ କରୁଥିବା ସୂଚନାରୁ ପ୍ରକାଶ । ପୂର୍ବରୁ ଏହି ପ୍ରତିନିଧି ଦଳ ଗତ ଏପ୍ରିଲ ମାସ ୨୦ ତାରିଖ ରୁ ୨୨ ତାରିଖ ଛତିଶଗଡ଼ ରାଜ୍ୟ ମହାନଦୀ ଅଞ୍ଚଳ ଗସ୍ତ ସାରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଟ୍ରିବ୍ୟୁନାଲ ଗଠନର ଦୀର୍ଘ ୫ ବର୍ଷ ପରେ ଏହାର ଏକ ପ୍ରତିନିଧି ଦଳ ଛତିଶଗଡ଼ ଗ୍ରାଉଣ୍ଡ ଜିରୋ ଅଞ୍ଚଳ ପରିଦର୍ଶନ କରୁଥିବା ବେଳେ ଚତୁର ଛତିଶଗଡ଼ ଚତୁରେ ଚତୁରେ ରୋକିଥିବା ମହାନଦୀ ଜଳକୁ ଏ ମଧରେ ଛାଡି ଦେଇଥିବାରୁ ଶୁଖାପଡିଥିବା ମହାନଦୀର ଉପରମୁଣ୍ଡରେ ଜଳରାଶି ଲହଡ଼ା ଭାଙ୍ଗୁଥିବା ଜଣାଯାଇଛି। ଟ୍ରିବ୍ୟୁନାଲ ପ୍ରତିନିଧିଙ୍କ ଆଗରେ ନିଜକୁ ସଚ୍ଚୋଟ ଓ ସାଧୁ ଦର୍ଶାଇବାକୁ ଯାଇ ଛତିଶଗଡ଼ ରାଜ୍ୟ ଏଭଳି ପ୍ରତାରଣା କରିଥିବା ଚର୍ଚ୍ଚା ହେଉଛି। ଏହି ପ୍ରତିନିଧି ଦଳ ମେ ମାସର ୧/୨ୟ ସପ୍ତାହରେ ଓଡ଼ିଶାର ମହାନଦୀ ଅବବାହିକାର ସଂଲଗ୍ନ ବିଭିନ୍ନ ଅଞ୍ଚଳକୁ ମଧ ସରଜମିନ ଅନୁଧ୍ୟାନ କରିବାକୁ ଆସୁଥିବା ସୂଚନାରୁ ପ୍ରକାଶ।

କେତେକ ଘଟଣା ବିଶେଷ ଆଲୋଚନା ରଖୁଛି। ଯଥା, ପଡୋଶୀ ରାଜ୍ୟ ଛତିଶଗଡରେ ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ ପ୍ରଭାବରେ ସମସ୍ତ ଆମ ରାଜ୍ୟ ଓଡ଼ିଶାର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଏବଂ ଡୁଙ୍ଗୁରିପାଲି ଅଞ୍ଚଳରେ ସିଧା ସଳଖ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ଏ ଅଞ୍ଚଳରେ ମହାନଦୀ ଜଳ ପ୍ରବାହ ହ୍ରାସ ପାଇଥିବାରୁ ରବି ଚାଷ ମଧ ପ୍ରଭାବିତ ହେଉଛି। ସୂଚନାରୁ ପ୍ରକାଶ, ଏହି ଜିଲ୍ଲାର ଶହେ କିଲୋମିଟର ଯାଏ ମହାନଦୀ ପରିବ୍ୟାପ୍ତ ହୋଇଥିବାବେଳ

ଖରାଦିନେ ଜଳସ୍ତର ନିମ୍ନକୁ ହ୍ରାସ ପାଉଥିବାରୁ ଚାଷବାସ ପାଇଁ ଚାଷୀଙ୍କୁ ଜଳ ସେଚନ ସମସ୍ୟା ଭୋଗିବାକୁ ପଡୁଛି। ମହାନଦୀରେ ଜଳାଭାବ ଯୋଗୁଁ ମତ୍ସ୍ୟଜୀବୀଙ୍କ ଜୀବିକା ବିପନ୍ନ ହେଉଛି।

ସେହିପରି, ରାୟଗଡ଼ା ନିକଟରେ ଗତ ୨୦୧୪-୧୫ ମସିହାରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ କେଲୋ ନଦୀ ଉପରେ ଡ୍ୟାମ ନିର୍ମାଣ କରିବାପରଠାରୁ ଏହି ନଦୀର ତଳ ମୁଣ୍ଡରେ ରହୁଥିବା ଲୋକଙ୍କ ଦୁଃଖ ବଢିଯାଇଛି। ବିଶେଷ କରି ଅଣମୈସୁମୀ ଋତୁରେ କେଲୋ ନଦୀ ଉପରେ ଚାଷବାସ ନିମନ୍ତେ ନିର୍ଭରଶୀଳ ଝାରସୁଗୁଡ଼ା ଜିଲ୍ଲାର କନକଡୋରା, ଲୁହାବଗା, ଅମାପାଲି, ବଡଧରା, କୁଶମେଲ ଆଦି ଅଞ୍ଚଳରେ ତଥା ବାଦିମାଲ ସମେତ ପଡୋଶୀ ରାଜ୍ୟ ଛତିଶଗଡ଼ ରାଜ୍ୟ ସଂଲଗ୍ନ ପ୍ରାୟ ୬ଟି ପଞ୍ଚାୟତବାସୀଙ୍କ ଚାଷବାସ ଜନୀତ ଜୀବନଜୀବିକା ଗୁରୁତର ପ୍ରଭାବିତ ହେଉଛି।

ଏତଦ୍ ବ୍ୟତୀତ ବୌଦ୍ଧ ଜିଲ୍ଲା ମହାନଦୀ ମାଛ ପାଇଁ ସାରା ଓଡ଼ିଶାରେ ପ୍ରସିଦ୍ଧ। ଏଠାରେ ମହାନଦୀ ମଧ ଶତାଧିକ କିମି ପରିବ୍ୟାପ୍ତ। ହେଲେ ଛତିଶଗଡ଼ ରାଜ୍ୟର ମହାନଦୀର ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କାର୍ଯ୍ୟ ପାଇଁ ଏଠା ମହାନଦୀର ତଳ ମୁଣ୍ଡରେ ଥିବା ମହାନଦୀ ଅବବାହିକାରେ ଗ୍ରୀଷ୍ମ ଋତୁରେ ମରୁଭୂମି ସମାନ ସ୍ଥିତି ଉପୁଜୁଛି । ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ବଂଶାନୁକ୍ରମିକ ଚାଲିଥିବା ମତ୍ସ୍ୟ ଧରା ଜୀବିକା ଘୋର ବାଧାପ୍ରାପ୍ତ ହୋଇଛି। କେବଳ ସେତିକି ନୁହେଁ, ମହାନଦୀ ଜଳ ଉପରେ ନିର୍ଭରଶୀଳ ସ୍ଥାନୀୟ ଅଗଣିତ ଅଧିବାସୀ ମଧ ସେମାନଙ୍କର ଦୈନନ୍ଦିନ ଜୀବନ ଜୀବିକା ଓ ଚଳଣିର ସମ୍ପାଦନରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଛତିଶଗଡ଼ ସରକାର କେବଳ ଯେ ଏକଚାଟିଆ ଭାବେ ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳ ଓଡ଼ିଶାକୁ ଆସିବାକୁ ଦେଇନାହାନ୍ତି, ଏଥି ସହିତ ଏହାର ଶାଖା 'କେଲୋ' ନଦୀର ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରି ଏହାକୁ ଏକପ୍ରକାର କବଜାରେ ରଖିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଓ ଅସନ୍ତୋଷ ବ୍ୟକ୍ତ କରାଯାଉଛି । ଛତିଶଗଡ଼ ରାଜ୍ୟର ମହାନଦୀ ଜଳକୁ ଅବରୋଧ କାରଣରୁ ଓଡିଶାର ଚାଷବାସ ଓ ମତ୍ସ୍ୟ ଚାଷ ଉପରେ ଘୋର ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି।

ସର୍ବୋପରି ପ୍ରଦୂଷଣ ରକ୍ଷା କ୍ଷେତ୍ରରେ ଆମ ଜୀବନ ରେଖା ସଦୃଶ ମହାନଦୀ ଅନେକ ସମସ୍ୟାର ସମ୍ମୁଖୀନ। ସୂଚନାରୁ ପ୍ରକାଶ, ଛତିଶଗଡ଼ର ରାୟଗଡ଼ ଜିଲ୍ଲାର ନଦନଦୀ ନାଳ ଦେଇ ବ୍ୟାପକ ପରିମାଣରେ ବର୍ଜ୍ୟବସ୍ତୁ ମହାନଦୀ ମଧକୁ ନିଷ୍କାସିତ ହେଉଛି । ଆମ ରାଜ୍ୟ ବାସୀ ଏଥିପାଇଁ ସଚେତନ ମଧ ନୁହଁନ୍ତି। ପ୍ରଶାସନିକ ସ୍ତରରେ ଏହାକୁ ରୋକିବାରେ ଉଦାସୀନତା ଦେଖାଯାଉଛି। ଝାରସୁଗୁଡ଼ା ଜିଲ୍ଲାର କୋଇଲା ବର୍ଜ୍ୟ, କଟକ, ସମ୍ବଲପୁର, ହୀରାକୁଦ, ବୁର୍ଲା, ସୋନପୁର ବୌଦ୍ଧ, ଆଠମଲ୍ଲିକ, ଆଦି ଅଞ୍ଚଳରେ ମଇଳା ଓ ବର୍ଜ୍ୟବସ୍ତୁ ବ୍ୟାପକ ପରିମାଣରେ ନିଷ୍କାସିତ ହୋଇ ମହାନଦୀ ମଧକୁ ପ୍ରବେଶ କରୁଥିବାରୁ ସଂପୃକ୍ତ ସ୍ଥାନୀୟ ମହାନଦୀ ଜଳ ବ୍ୟବହାର ଅନୁପଯୋଗୀ ହୋଇଯାଇଛି । ଏପରିକି ଏହି ଅଞ୍ଚଳରେ ମହାନଦୀ ଜଳ ସ୍ନାନ ଶୌଚାରି ପାଇଁ ମଧ ଅନୁପଯୁକ୍ତ ହୋଇଯାଇଛି । ଏହି କାରଣରୁ ଓଡିଶାର ସାତ କୋଶିଆ, ଚିଲିକା, ଅଂଶୁପା, ଭିତରକନିକା ଅଭୟାରଣ୍ୟରେ ମହାନଦୀ ଜଳ ଶୁଷ୍କତା ଓ ପ୍ରଦୂଷଣ ଜୈବ ବିବିଧତା ଓ ଜଳଜ ପ୍ରାଣୀ ଓ ଉଦ୍ଭିଦଙ୍କ ସୁରକ୍ଷା ନିମନ୍ତେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ପ୍ରକାଶ। ଏଭଳି ସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାନଦୀ ସୁରକ୍ଷା ପାଇଁ ଦୀର୍ଘ ବର୍ଷ ଧରି କରିଆସିଥିବା ଉଦାସୀନତା ସାଧାରଣ ରେ କ୍ଷୋଭ ସୃଷ୍ଟି କରୁଛି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ବାଲେଶ୍ୱର ରୋଟାରୀ କ୍ଲବ୍ ବାଲେଶ୍ୱର ଜିଲ୍ଲାକୁ ସମ୍ପୂର୍ଣ୍ଣ ସାକ୍ଷର କରିବା ପାଇଁ ଚେଷ୍ଟା ଆରମ୍ଭ କରିଛି

## ସୁବ୍ରତ କର



ନିଶ୍ଚିତ ଭାବରେ ଏହା ଏକ ଉତ୍ତମ ପଦକ୍ଷେପ ଆମ ଜିଲ୍ଲା ପାଇଁ । ପୂର୍ବରୁ ରୋଟାରୀ କ୍ଲବମାନେ ଆନ୍ତର୍ଜାତିକ ସ୍ତରରେ ପୋଲିଓ ରୋଗକୁ ହଟାଇବା ପାଇଁ ଚେଷ୍ଟା କରି ସଫଳ ହୋଇଛନ୍ତି । ପାକିସ୍ତାନ ଏବଂ ଅଫଗାନିସ୍ତାନକୁ ଛାଡ଼ିଦେଲେ ପୋଲିଓ ରୋଗ ୧୨ ଲକ୍ଷ ରୋଟାରିଆନଙ୍କ ପାଖରେ ହାର ମାନିଛି । ଆମ ଦେଶ ଏବଂ ରାଜ୍ୟ ଏବେ ପୋଲିଓ ମୁକ୍ତ । ଆମେ ଆଶା କରିବା ସମ୍ପୂର୍ଣ୍ଣ ସାକ୍ଷରତା କରିବା ପାଇଁ ନେଇଥିବା ପଦକ୍ଷେପରେ ମଧ ସଫଳ ହେବେ । ଏବେ ଆସିବା ଏହି କାର୍ଯ୍ୟଟି କେମିତି ହୋଇପାରିବ ଏବଂ ନିଶ୍ଚିତ ଭାବରେ ଏତେ ସହଜ ନୁହେଁ। ରୋଟାରୀ କ୍ଲବ ଠିକ୍ କରିଛି ୧୫ ବର୍ଷରୁ ଉର୍ଦ୍ଧ୍ୱ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ଯୋଜନା । ଏହି ଯୋଜନାକୁ ସଫଳ କରିବା ପାଇଁ ରୋଟାରୀ ସହିତ ହାତ ମିଳେଇଛନ୍ତି ଜିଲ୍ଲା ପ୍ରଶାସନ, ଫକୀରମୋହନ ଇଉନିଭରସିଟି କିଛି ବ୍ୟକ୍ତି ବିଶେଷ ଏବଂ ବାଲେଶ୍ୱରରେ ଥିବା ଶିଳ୍ପପତି, ରାଜନୈତିକ ନେତାମାନେ ମଧ । ଏହି କାର୍ଯ୍ୟକ୍ରମଟି ସମସ୍ତଙ୍କ ପାଇଁ ଏବଂ ସମସ୍ତ ବାଲେଶ୍ୱରବାସୀ ଆଗେଇ ଆସି ରୋଟାରୀକୁ ସାହସ ଏବଂ ସାହାଯ୍ୟର ହାତ ବଢ଼େଇବା ଆବଶ୍ୟକ । ଏହି ପ୍ରକଳ୍ପଟି ୨୩ ଏପ୍ରିଲ ତାରିଖରେ ଇଉନିଭରସିଟି କୂଳପତି ଏବଂ ଜିଲ୍ଲା ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ଆଇସିଆଇ ବ୍ୟାଙ୍କର ଅଧିକାରୀ ଏବଂ କ୍ଲବର ରୋଟାରିଆନମାନଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମଟି ସପ୍ତାହରେ ୪ଦିନ ଏବଂ ପ୍ରତିଦିନ ୩ ଘଣ୍ଟା ପାଖାପାଖି ପାଠ ପଢ଼ା ଆରମ୍ଭ ହୋଇ ସାରିଛି । ବିଶ୍ୱବିଦ୍ୟାଳୟକୁ ଲାଗି ରହିଥିବା ୬ଟି ଗ୍ରାମକୁ ବଛା ହୋଇ ଘରଘର ବୁଲି ନିରକ୍ଷମ ଥିବା ଲୋକଙ୍କୁ ଚିହ୍ନଟି କରାହୋଇ ପାଠ ପଢ଼ା ଆରମ୍ଭ ହୋଇଯିବ । ଏହି ଗାଁ ଗୁଡ଼ିକ ହେଲା ମର୍ଦ୍ଦରାଜପୁର (୧୨୫ଜଣ), ଫୁଲନିଆରି (୧୫୨ ଜଣ) ଜାମୁନି (୭୧ଜଣ), ମାଖପଦା (୧୫୦ ଜଣ) ଏବଂ କେ.ପି. ମହଲା (୧୩୧ ଜଣ) ଏବଂ କେ.ପି ଲାଖରାଜ (୪୪ଜଣ) ସର୍ବମୋଟ ୬୩୫ ଜଣ ନିରକ୍ଷର ବାହାରିଲେ ଏବଂ ସେହି ଗାଁରେ ସ୍କୁଲ ଘର ଏବଂ ଅଙ୍ଗନବାଡ଼ିମାନଙ୍କରେ ପାଠ ପଢ଼େଇବାର ବ୍ୟବସ୍ଥା ହୋଇ ପାଠପଢ଼ା ଚାଲିଛି । ପାଠ ପଢ଼ାଉଛନ୍ତି ଗାଁରେ ଥିବା ଜଣେ ଶିକ୍ଷିତ ମହିଳାକୁ ବଛା ହୋଇଛି । ରୋଟାରୀ ତରଫରୁ ମାସକୁ ୨୦୦୦ ଟଙ୍କା ଦେବା ପାଇଁ ସ୍ଥିର କରାହୋଇଛି । ବହି ଖାତା, କଲମ, କେପ ଏବଂ ଅନ୍ୟାନ୍ୟ ପାଠପଢ଼ା ସାମଗ୍ରୀ ରୋଟାରୀ ତରଫରୁ ସମସ୍ତଙ୍କୁ ଯୋଗାଇ ଦିଆ ହୋଇଛି । ଏହି ପାଠପଢ଼ାକୁ ତଦାରଖ କରିବେ ରୋଟାରୀ କ୍ଲବର ସଭ୍ୟ ଏବଂ ସଭ୍ୟମାନେ ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରରେ ଥିବା ଏନ.ଏସ.ଏସରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ । ପାଠ୍ୟପ୍ରକୁକୁ ଠିକ ଢଙ୍ଗରେ ପଢ଼ାଇବା ପାଇଁ ବିଶ୍ୱବିଦ୍ୟାଳୟର ଏଜୁକେସନ ବିଭାଗର ଅଧ୍ୟାପକ ମାନେ ତଦାରଖ କରୁଛନ୍ତି । ଏହି କାର୍ଯ୍ୟକ୍ରମଟି ଏବେ ୩ମାସ ଚାଲିବ ଏବଂ ନିଶ୍ଚିତ ଫଳପ୍ରଦ ହେବ ବୋଲି ଆମେ ଆଶା କରୁଛୁ । ଏବେ ଏହା ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ରୋଟାରୀ କ୍ଲବ ନିଜକୁ ପ୍ରସ୍ତୁତ କରୁଛି ଏବଂ ଅନୁରୋରଧ ଆପଣମାନେ ସାରା ଜିଲ୍ଲାବାସୀ ଆଗେଇ ଆସି ଏହାକୁ ଆଗେଇ ନିଅନ୍ତୁ କେବେ ଆମ ଜିଲ୍ଲା ଦେଶର ପ୍ରବାସୀ ଜିଲ୍ଲା ପୂର୍ଣ୍ଣ ହୋଇପାରିବ ।




## ଶ୍ରମିକ ନାମଟି ଅଟେ ତାହାର

### ରମେଶ ଚନ୍ଦ୍ର ନାୟକ



ମୁଣ୍ଡ ଝାଳ ତୁଣ୍ଡେ ମାରି ଦୁଖେ କଷ୍ଟେ
ହାତେ ଗଢ଼ିଛନ୍ତି ଶିଳା କୋଣାର୍କ,
ଶଙ୍ଖ ମଲ ମଲ ସେ ତାଜ ମହଲ
ଏ ଦେଶ ଜାତିର ରଖିଛି ଟେକ ।

କଳ କାରଖାନା ବନ୍ଧ ବାଡ଼ ପୋଲ
ହସି ଉଠେ ଯାହା ହାତ ସ୍ପର୍ଶର,
ସୁନାର ଫସଲ ଫଳାଉଛି ସିଏ
ଦୁନିଆ କୁ ଦିଏ କେତେ ଆହାର ।

ଖରା ବରଷାକୁ ଖାତିରି ନକରି
ଖଟୁ ଥାଏ କାହିଁ କେତେ ସମୟ,
ପରିବାର କଥା ଚିନ୍ତା କରିବାକୁ
ପାଏ ନାହିଁ ବେଳ ହୁଏ ଅଥୟ ।

ଚାଳ ଘରେ ଅବା ଟିଣ ଛାତ ତଳେ
ବିତଇ ତାଙ୍କର ଦୁଃଖ ଜୀବନ,
ଶ୍ରମର ପାଉଣା ସଂସାର ଭରଣା
ପଖାଳ ଭାତ ତ ପ୍ରିୟ ଭୋଜନ ।

ବିକାଶର ମୂଳ ଚାବି ତା' ହାତର
ସୁନ୍ଦର ସହର ସୃଷ୍ଟି କରତା,
ଏ ଧରା ଧାମରେ ବିଶ୍ୱକର୍ମା ରୂପେ
ସତେକି ଗଢିଛି ତାଙ୍କୁ ବିଧାତା ।

ଏ ଜାତି ସେବକ ନିର୍ମାଣ ନାୟକ
ସହେ କେତେ ମାନ ସେ ଅପମାନ,
ତାଙ୍କ ପାଇଁ ଆଜି ଆମେ ବଳୀୟାନ
ଶାନ୍ତିରେ କଟୁଛି ଆମ ଜୀବନ ।

ଶ୍ରମ ଦାନ କରି ହୁଏ ଶ୍ରମ ବୀର
ନଥାଏ କାହାର ଟିକେ ଆଦର,
ତଥାପି ନିର୍ଭୟେ କର୍ମ କରି ଚାଲେ
ଶ୍ରମିକ ନାମଟି ଅଟେ ତାହାର ।

ଶ୍ରମିକ ଦିବସେ ବାଣ୍ଟିବା ବାରତା
ଶ୍ରମିକ ଭାଇଙ୍କୁ ଦେବା ସମ୍ମାନ,
ଶ୍ରମିକ ହସିଲେ ଜଗତ ହସିବ
ଜୟ ଯବାନକୁ ଜୟ କିଷାନ ।

ଅଅଅଅଅଅ


( କଟକ )
ଦରଭା, ମଙ୍ଗଳପୁର, ଯାଜପୁର
ମୋ : ୭୯୭୮୧୫୧୭୧୦


## ଅନ୍ତର୍ଦ୍ୱନ୍ଦ

### ବିବୁଲ ମହାକୁର



ଆଜି ପ୍ରତିଟି ଘଟଣା ପ୍ରହେଳିକା
କାରକ ଓ କାରଣ ମଧ୍ୟେ ଅନ୍ତର୍ଦ୍ୱନ୍ଦ
ଅକାରଣେ ଦୋଷୀ
କାରକ କାରାଗାରେ।

ସମ୍ପର୍କର ସେତୁବନ୍ଧ ବିଧ୍ୱସ୍ତ
ଭାଷା ଓ ଭାବ ମଧ୍ୟେ ଅନ୍ତର୍ଦ୍ୱନ୍ଦ
ମୃତ୍ୟୁ ପ୍ରହେଳିକା
କାରଣ କାଠଗଡ଼ାରେ।

ଜୀବନ ଓ ମୃତ୍ୟୁ ମଧ୍ୟେ ଅନ୍ତର୍ଦ୍ୱନ୍ଦ
କାଠିରେ ଗୁଡ଼ା ହୋଇଥିବା ସୂତାପରି
ଆରମ୍ଭ ଓ ଅନ୍ତ ଅଜଣା
ଠିକଣା ଅନିଶ୍ଚିତ।

କିଏ ମୃତ୍ୟୁ ମାଗେ
ପୁଣି କିଏ ଜନ୍ମ
କିଏ ମୃତ୍ୟୁ ସହ ଯୁଝିଯୁଝି
ମୃତ୍ୟୁଞ୍ଜୟ।

ଜୀବନ ଓ ଲକ୍ଷ୍ୟ ଆନମନା
ବ୍ୟକ୍ତିତ୍ୱ ଓ ମାନବତା ମଧ୍ୟେ
ଅନ୍ତର୍ଦ୍ୱନ୍ଦ,
କର୍ମ ବରଖାସ୍ତ
ଜୀବନ ସଂଘର୍ଷ।

ଜୀବନ ପାଇଁ ସ୍ୱପ୍ନ କି
ନା ସ୍ୱପ୍ନ ପାଇଁ ଜୀବନ ?
ଉତ୍ତର ଓ ପ୍ରଶ୍ନ ମଧ୍ୟେ ଅନ୍ତର୍ଦ୍ୱନ୍ଦ
ଆଜି ଜୀବନ ହିଁ ଏକ ପ୍ରଶ୍ନ !


ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨


## କୁରେଇ ଫୁଲ

### ନୀଳମଣି ଚାନ୍ଦ



କେଉଁ ଅପହଞ୍ଚ ଇଲାକାରେ ଥାଏ
ଶୁଭେନାହିଁ କୋଳାହଳ
ଶାନ୍ତ କମନୀୟ ପରିବେଶ ଯହିଁ
ବୁଲନ୍ତି ବିହଙ୍ଗ ଦଳ।

ରାଜରାସ୍ତାର ରାଜକୀୟ ଠାଣି
ସେ ମାଟିକୁ ଛୁଇଁନାହିଁ
ଅନତିଦୂରରେ ଚଞ୍ଚଳ ଝରେ
ରହିଥାଏ ତା'କୁ ଚାହିଁ।

ସେ ନୁହେଁ ଗୋଲାପ, ମଲ୍ଲୀ,
ସେବତୀ
ଜାଇ, ଜୁଇ, ଛୁରିଅନା
ଘାସଫୁଲ ନୁହେଁ ତଥାପି ସିଏରେ
କରିଦିଏ ଆନମନା।

ଜଙ୍ଗଲୀ ଝିଅର ଗଭା ମଣ୍ଡୁଥାଏ
ତୋଳେସିଏ ଡାଳ ଧରି
ରାତ୍ରି ନିର୍ଜନତା ଆଣେ ସୁରଭିକୁ
ପାଲିଙ୍କି ଭିତରେ ଧରି।

ରହୁ ପଛେ ଦୂରେ ସେଠି ଦେଖୁଥାଉ
ସ୍ୱପ୍ନ ଯେ ଅସୁମାରୀ
ଯେବେରେ ଭେଟିଛି ସେଇ
କୁରେଇକୁ
ଲାଗେ ଚିର ସୁକୁମାରୀ।

ସମ୍ପର୍କ ସରେଇ ଦେବିନି କୁରେଇ
ବସି ଭାବେ ନିରିଜନେ
ତୋ' ପରି ମୁଁ ପରା ଅଖୋଜା
ଅଲୋଡ଼ା
ଭାବୁଥାଏ ମନେମନେ।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

କାଳିକିଙ୍କର




# ଦେଉଳ



ପଥର ଖଣ୍ଡେ ପଡିଥିଲା ରାଧୁ ମିର୍ଦ୍ଧାଙ୍କ ବାଡ଼ି କୋଣରେ । ସେ ପଥର ଖଣ୍ଡ ସେମିତି ଅନେକ ଦିନ ପଡିଲାପରେ ଦିନେ ରାଧୁ ଦେଖିଲେ ପଥର ଖଣ୍ଡ ହଠାତ କଥା କହୁଛି । ସେ କହୁଛି, ମୁଁ ଏବେ ଦେବତା ପାଲଟି ଯାଇଛି । ସବୁଦିନ ସକାଳେ ପିଲାମାନେ ଖେଳିବାକୁ ଆସି ମୋତେ ବହୁତ ଶ୍ରଦ୍ଧା କରନ୍ତି । ମୋ ଦେହରେ ଫୁଲ ପତ୍ର ଦେଇ ପୂଜା କରନ୍ତି । ତେଣୁ ପିଲାଙ୍କ ମନ ଭଳି ନିର୍ମଳ ମନରେ ମୋର ପୂଜାକର, ତୁମର ଅଭିଷ୍ଟ ପୂର୍ଣ୍ଣ ହେବ ।

ରାଧୁ ଏହା ଦେଖି ଘରକୁ ଗଲେ ଓ ସ୍ତ୍ରୀଙ୍କର ସିନ୍ଦୂର ଫରୁଆରୁ କିଛି ସିନ୍ଦୂର ନେଇ ଆସିଲେ । ପୋଖରୀରୁ କିଛି ପାଣି ନେଇ ଖଣ୍ଡିଏ ପତ୍ରରେ ସେ ସିନ୍ଦୂର ଗୋଳେଇଲେ ଓ ତାକୁ ନେଇ ସେ ପଥର ଖଣ୍ଡ ଦେହରେ ଲେପିଦେଲେ ।

ଏବେ ସିନ୍ଦୂର ଫୁଲ ପତ୍ରରେ ସଜେଇ ହୋଇ ପଥର ଖଣ୍ଡ ଆଉ ସାମାନ୍ୟ ପଥର ଖଣ୍ଡ ଦିଶୁ ନ ଥିଲା ବରଂ ଯେମିତି ଦିଶୁଥିଲା ଗୋଟିଏ ଛୋଟ ଦେବୀ ମୂର୍ତ୍ତି । ରାଧୁ ତାଙ୍କ ସ୍ତ୍ରୀ ଚମ୍ପେଇକୁ ଡାକି ଦେଖାଇଲେ । ଚମ୍ପେଇ ପୂଜା ହୋଇଥିବା ପଥରଖଣ୍ଡ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ ମାଆ ସିନ୍ଦୁରି ଲୋ, ମୋ ଦୁଃଖ ଟିକିଏ ବୁଝଲୋ ମାଆ । ଜଗତ ମୋତେ ଅଦରକାରୀ ଗଛ ବା ପଥର କହିଲେଣି । ମୁଁ ଫଳ ଦେଇ ପାରୁନାହିଁ- ଅଫଳନ୍ତି ଗଛ- ଅଲୋଡା ପଥର ଲୋ ମାଆ ।

ସବୁଦିନ ଏହି ପ୍ରାର୍ଥନା କରୁଥିଲେ ଚମ୍ପେଇ ସେ ପଥରଖଣ୍ଡ ପାଖରେ । ଏବେ ଫୁଲ ପତ୍ର ସିନ୍ଦୂର ସହ ଧୂପ ଦୀପ ଚନ୍ଦନ ଭୋଗ ଦେଲେଣି ସେ । ବିଶ୍ୱାସ ଯେ ମାଆ ସିନ୍ଦୁରି ନିଶ୍ଚୟ ସନ୍ତୋଷ ହୋଇ ଆଶୀର୍ବାଦ ଦେବେ । ସେ ଅଲୋଡା ଅଦରକାରୀ ରହିବ ନାହିଁ । ଫଳନ୍ତି ଗଛ ହେବ ଚମ୍ପେଇ ।

ସତକୁ ସତ ବରଷକ ଭିତରେ ପୁଅଟିଏ କଷିଫଳ ହୋଇ ଫଳିଗଲା ଚମ୍ପେଇ ଗଛରେ । ସବୁଆଡେ ବୁଲି ବୁଲି ରାଧୁ କହିଲା ଏ ସବୁ ସେହି ସିନ୍ଦୁରି ମାଆଙ୍କର କୃପା । ଆମ ଚମ୍ପେଇର ପ୍ରାର୍ଥନା ସେ ଶୁଣିଲେ ।

ସେହି ଦିନଠାରୁ ଖଣ୍ଡିଏ ପଥର ଖଣ୍ଡ ଏମିତି ଆସ୍ଥା ଓ ବିଶ୍ୱାସର ଭୂମି ପାଲଟିଗଲା ଯେ ଯେଉଁ ରାଧୁ ମିର୍ଦ୍ଧାର ଭୂମି ଛୁଇଁଲେ ଦୋଷ ଲାଗୁଥିଲା ଅନ୍ୟ ଜାତିର ଲୋକଙ୍କୁ ସେ ଭୂମି ଏବେ ଅତ୍ୟନ୍ତ ପବିତ୍ର ହୋଇଯାଇଛି । ବାଡ଼ି କୋଣରେ ଆଉ ବାଡ଼ ନାହିଁ, ସେ ସ୍ଥାନରେ ନିର୍ମାଣ ହୋଇଛି ଭକ୍ତଙ୍କ ସାହାଯ୍ୟରେ ଏକ ବିଶାଳ ଦେଉଳ । ସିନ୍ଦୂରି ମାଆଙ୍କ ଦେଉଳ ।

ରାଧୁ ମିର୍ଦ୍ଧା ସ୍ୱୟଂ ସେ ଦେବୀଙ୍କ ପୂଜା କରନ୍ତି । ସେ ମନ୍ତ୍ର ଜାଣନ୍ତି ନାହିଁ । ମନକୁ ଯାହା ଆସିଲା ଭକ୍ତିରେ ଗୀତ ଆକାରରେ କହନ୍ତି । ସେତିକିରେ ମାଆ ସନ୍ତୁଷ୍ଟ । ଚମ୍ପେଇ ଗଛର କଷି ଫଳ ଏବେ ପାକଳ ହେଲାଣି । ଅର୍ଥାତ ରାଧୁ ଓ ଚମ୍ପେଇଙ୍କର ପୁଅ ସୁନ୍ଦରା ଯୁବକ ହୋଇ ଦେଉଳର କଥା ବୁଝିଲାଣି । କେମିତି ଭଲ ଦି’ ପଇସା ବେଶୀ ଆସିବ ସେହି ଫିକର ସେ କଲାଣି ।

ସେ ଦେବୀଙ୍କର ମହିମା ଦୂର ଦୂରାନ୍ତରେ ପ୍ରଚାର ପାଇଁ ଲୋକ ରଖିଛି, ସେମାନେ ବଢ଼େଇ ଚଢେଇ ଦେବୀଙ୍କ ସମ୍ପର୍କରେ ଏମିତି ପ୍ରଚାର କରନ୍ତି ଯେ ଲୋକେ ଧାଡି ବାନ୍ଧି ଆସି ଦର୍ଶନ କରନ୍ତି ।

ବେଳେବେଳେ ଏମିତି ଭିଡ଼ ହୁଏ ଯେ ଦେବୀଙ୍କ ଦର୍ଶନ ସ୍ଥାନରେ ସେ ଦେଉଳ ଦୂରରୁ ଦର୍ଶନ କରି ଲୋକେ ଫେରି ଯାଆନ୍ତି ।

ସିନ୍ଦୁରା ଭାବିଲା ସେ ପୁରୁଣା ପଥର ଖଣ୍ଡ ବଦଳେଇ ଏକ ବିଶାଳ ପଥର ସେ ସ୍ଥାନରେ ରଖିଦେବ । ଲୋକେ ଭଲଭାବରେ ଦେଖିବେ ଓ ଭଲ ଦି ପଇସା ହେବ । ତେଣୁ ସେ ନବ କଳେବର ପାଇଁ ତିନିଦିନ ଦେଉଳ ବନ୍ଦ ରହିବ ଘୋଷଣା କଲା । କହିଲା ଯେ ତିନିଦିନ ସେ ମନ୍ଦିର ଭିତରେ କେହି ପ୍ରବେଶ କରି ପାରିବେ ନାହିଁ । ରାତିରେ ନବ କଳେବର ହେବ ବୋଲି ଦେବୀ ଆଜ୍ଞା ଦେଇଛନ୍ତି । ତେବେ ତାପରେ ଯିଏ ଦେବୀଙ୍କୁ ଦର୍ଶନ କରିବ ଓ ଯାହା ମାଗିବ ଦେବୀ ତାହା ପୂରଣ କରିବେ ।

ଏ କଥା ପ୍ରଚାରକମାନେ ସାରା ରାଇଜରେ ପ୍ରଚାର କଲେ । ଲୋକେ ଦଳଦଳ ହୋଇ ଆସିଲେ । ବହୁତ ଭିଡ । କେବଳ ଅପେକ୍ଷା ଯେ ତିନିଦିନପରେ କବାଟ ଖୋଲିବ ଓ ଦେବୀଙ୍କର ଦର୍ଶନ ହେବ । ଲୋକେ ନୂଆ ରୂପରେ ଦେବୀଙ୍କ ଦର୍ଶନ ଦେଉଳ ଭିତରେ କରି ନିଜର ମନୋକାମନା ପୂରଣ କରିବେ ।

କବାଟ କିନ୍ତୁ ଖୋଲିଲା ନାହିଁ ଦେଉଳର । ଲୋକଙ୍କ ମନରେ ଆଶଙ୍କା । କଣ ଭୁଲ ତ୍ରୁଟି ରହିଲା କି ? ସିନ୍ଦୁରା ତା ଭିତରେ ଥିଲା ତାର କେତେଜଣ ସାଥୀଙ୍କ ସହ ।

ରାଧୁ ଓ ଚମ୍ପେଇଙ୍କର ବୟସ ହୋଇଗଲାଣି ବୋଲି ସେମାନେ ନିରୂପାୟ । ପୁଅର କାମ ସେମାନଙ୍କୁ ପସନ୍ଦ ହେଉ ନ ଥିଲେ ମଧ୍ୟ କିଛି କହି ପାରୁ ନ ଥାନ୍ତି ।

ଏବେ ସେମାନଙ୍କୁ ଦେଉଳ ଦୁଆରକୁ ଅଣାଗଲା ଓ ସେମାନଙ୍କ ଆଦେଶରେ ଦେଉଳ ଦୁଆର ଭଙ୍ଗାଗଲା ।

ଦେଉଳ ଭିତରେ ମରି ଶୋଇଥିଲେ ସିନ୍ଦୁରା ଓ ତାର ସାଥୀମାନେ । ମନ୍ଦିର ଭିତରେ ପୁରୁଣା ପଥର ଖଣ୍ଡ ସ୍ଥାନରେ ନୂଆ ପଥର ଲାଗିଛି ତେବେ ସେଥିରେ ଗୋଡେଇ ଅଛନ୍ତି କେତୋଟି ବିଷାକ୍ତ ସାପ ।

ଏ ତୁମର କେଉଁ ଲୀଳା ମାଆ । ସେଇଠି ଲୋଟି ପଡିଲେ ରାଧୁ ଓ ଚମ୍ପେଇ । ଆଉ ସେମାନେ ଉଠିଲେ ନାହିଁ । ଦେଉଳ ବନ୍ଦ ହେଲା ଯେ ଆଉ ଖୋଲିନାହିଁ ।


+ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୫୯୨୧୬୦୬୭ ।


---


ସୁଦର୍ଶନ ମହାପାତ୍ର


# ରାଜନୀତି





-‘ଆଜ୍ଞା ଗଳ୍ପ ବହି ‘ରାଜନୀତି’ ଅଛି କି ? ସପନ ପରିଡାଙ୍କର ।’

- ‘ନାହିଁ । କେତେ ଖଣ୍ଡ ଥିଲା ସବୁ ବିକ୍ରି ହୋଇଯାଇଛି ।’

- ‘ଓହୋ, ଆଉ କେଉଁଠି ମିଳିବ କି ?’ ମୋ ଠାରୁ କୌଣସି ଉତ୍ତର ପାଇବା ଆଗରୁ ଗରାଖ ଜଣକ ଫେରିଗଲେ ।

ଅଧଘଣ୍ଟା ପରେ ଆଉଜଣେ ଯୁବକ ମୋ ବହି ଦୋକାନକୁ ଆସି ପଚାରିଲେ ।‘ଆଜ୍ଞା ‘ରାଜନୀତି’ ଗଳ୍ପ ବହି ଅଛିକି ?’

ଆରେ ସୂର୍ଯ୍ୟ ଆଜି କ’ଣ ପଶ୍ଚିମ ଦିଗରେ ଉଇଁଛି କି ? ଓଡ଼ିଆ ଭାଷାରେ ଲେଖା ଗପ ବହି । ସ୍କୁଲ୍ କିମ୍ବା କଲେଜ୍‌ରେ ପଢାବହି ନୁହେଁ । ଲେଖକ ବି ଏତେ ଜଣାଶୁଣା ନୁହନ୍ତି । ଗୋଟିଏ ଦିନରେ ସବୁ ବହି ବିକ୍ରି ହୋଇଗଲା ! ବଡ଼ ଆଶ୍ଚର୍ଯ୍ୟ କଥା । ଆହୁରି କିଣିବାକୁ ଆସି ଲୋକ ଫେରୁଛନ୍ତି । କଥା କଣ ? ମନେମନେ ଗୁଣୁଗୁଣୁ ହେଲି ମୁଁ । ବାଧ ହୋଇ କହିଲି -‘ନାହିଁ ସରିଯାଇଛି ।’

ଯୁବକ ଜଣକ ବ୍ୟସ୍ତ ହୋଇ କହିଲେ,- ‘ଟିକେ ଭଲ ଭାବରେ ଦେଖନ୍ତୁ ଆଜ୍ଞା । ମୁଁ ବହି ଦାମ୍‌ର ଦୁଇଗୁଣ ଦାମ୍ ଦେବାକୁ ରାଜି ଅଛି ।’

-‘କାହିଁକି ? ସେ ବହିରେ କ’ଣ ଅଛିକି ? ତାଛଡା ତୁମ ପରି ଆଜି ଅନେକ ଲୋକ ଖାସ୍ ସେହି ବହି କିଣିବାକୁ ଆସୁଛନ୍ତି, ଦେଖୁଛି ।’

-‘କ’ଣ ଅଛି ମୁଁ ଜାଣିନି । ହେଲେ ଏତିକି ଶୁଣିଛି ସେ ବହି ଖଣ୍ଡିକ ଏଥର ପୁସ୍ତକମେଳାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ ରମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଉନ୍ମୋଚନ ହେଲା ସଙ୍ଗେ ସଙ୍ଗେ ତା’ର ବିକ୍ରି ଖୁବ୍ ବଢ଼ି ଯାଇଛି ।

-‘ଆଚ୍ଛା, ହଉ ମୁଁ ସେ ବହିର ପ୍ରକାଶକଙ୍କୁ ଫୋନ୍ କରି ଆଉ ବହି ଆଣିବା ବ୍ୟବସ୍ଥା କରୁଛି । ତୁମେ ଦିନେ ଛାଡି ଆସ । ବହି ପହଞ୍ଚି ଯାଇଥିବ ।’

ଯୁବକ ଫେରିଗଲେ । ମୁଁ ମନେମନେ ଭାବୁଥିଲି, ସେ ବହିରେ ଏମିତି କ’ଣ ଥିଲା ? ଏତେ ବହି ବିକ୍ରି ହେଲା, ଅଥଚ ବହି ଭିତର କଥା ଛାଡ, ମଲାଟ ମଧ୍ୟ ସେ ଠିକ୍ ଭାବେ ମୁଁ ଦେଖି ପାରିନାହିଁ । ଯାହା ମନେ ପଡୁଛି ରାଜନୀତିଜ୍ଞ ମାନେ ପିନ୍ଧୁଥିବା ପୋଷାକ ପିନ୍ଧି କିଛି କାର୍ଟୁନ୍ ଥିଲେ । ଅଗତ୍ୟା ‘ସ୍ୱସ୍ତି ପ୍ରିଣ୍ଟର୍ସ’ର ପ୍ରକାଶକଙ୍କୁ ଫୋନ୍ କଲି । ଚାରି ପାଞ୍ଚ ଥର କଲ୍ କଲାପରେ ପ୍ରକାଶକ ଶରତ ସାହୁ କଲ୍ ରିସିଭ୍ କରି ନିଜର ଅକ୍ଷମତା ପ୍ରକାଶ କଲେ । ଓଡ଼ିଆ ଗପ ବହିର ଚାହିଦା ନାହିଁ । ବିଶିଷ୍ଟ ଲେଖକମାନଙ୍କର ବହି ମଧ୍ୟ ବିକ୍ରି ନହୋଇ ପଡିରହୁଛି । ଅଜଣା ଅଶୁଣା ଲେଖକଙ୍କ ବହିକୁ କିଏ ପଚାରେ ? ତେଣୁ ସେ ଗଳ୍ପ ବହି ‘ରାଜନୀତି’ ସମୁଦାୟ ପାଞ୍ଚଶହ ଖଣ୍ଡ ଛପାଇଥିଲେ । ସେସବୁକୁ ସେ ଆଠ ଦଶଟି ବିକ୍ରେତାଙ୍କୁ ଦେଇଥିଲେ । ତେବେ ସହୃଦୟ ପ୍ରକାଶକ ସବୁତକ ଦୋକାନର ମାଲିକ ଓ ସେମାନଙ୍କ ଫୋନ୍ ନମ୍ବର ମୋତେ ଦେଲେ । ସେମାନଙ୍କ ସହିତ ଯୋଗାଯୋଗ କରି ବହି ସଂଗ୍ରହ କରିବା ପାଇଁ ପରାମର୍ଶ ଦେଲେ । ସବୁ ଦୋକାନୀଙ୍କ ସହିତ ଯୋଗାଯୋଗ କରି ସମସ୍ତଙ୍କଠାରୁ ସେହି ଗୋଟିଏ ଉତ୍ତର ପାଇଲି, ‘ରାଜନୀତି’ ସରିଯାଇଛି ।

ଯେମିତି ହେଉ ବହିଟିଏ ସଂଗ୍ରହ କରି ପଢିବା ପାଇଁ ମୋ ମନରେ ପ୍ରବଳ ଉତ୍କଣ୍ଠା ସୃଷ୍ଟି ହେଲା । ଯେଉଁମାନେ ମୋ ଦୋକାନରୁ ସେଇ ବହି କିଣିଥିଲେ ସେମାନଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କଲି । ହେଲେ ବୃଥା ପ୍ରୟାସ ଥିଲା । କାହାର ରଙ୍ଗ ନମ୍ବର ଥିଲା ତ କାହାର କଥା ଖୁବ୍ କଡା ଥିଲା । କ’ଣ କରିବି, କ’ଣ କରିବି ମନେ ମନେ ଘାରିହେଉଥିଲି ମୁଁ । ବୁଦ୍ଧି ବାଟ ଦିଶୁ ନଥିଲା ।

ବ୍ୟସ୍ତ ବିବ୍ରତ ହୋଇ ପୁଣି ପ୍ରକାଶକଙ୍କୁ ଫୋନ୍ କରି ସେହି ସ୍ୱନାମଧନ୍ୟ ଲେଖକ ସପନ ବିହାରୀ ପରିଡାଙ୍କ ଠିକଣା ଓ ଫୋନ୍ ନମ୍ବର ମାଗିଲି । ଯାହାହେଉ ପ୍ରକାଶକ ଶରତ ବାବୁ ଲେଖକଙ୍କ ଠିକଣା ଓ ଫୋନ୍ ନମ୍ବର ମୋତେ ଦେଲେ । ମୁଁ ଉଲ୍ଲସିତ ହୋଇ ତତକ୍ଷଣାତ୍ ଲେଖକଙ୍କୁ ଫୋନ୍ କଲି । କିପରି ବହି ଖଣ୍ଡିକ ପାଇବି ବୋଲି ଅନୁନୟ ହୋଇ କହିଲି ।

ହେଲେ ସପନ ବାବୁ ଯାହା କହିଲେ ତାହା ଶୁଣି ମୋ ପାଦତଳୁ ମାଟି ଖସିଗଲା ଯେମିତି । - ‘ଆପଣଙ୍କୁ ସେ ବହି ଆଉ ମିଳିବ ନାହିଁ । ଯଦିବା ଆପଣ ସେ ବହି ଦୋକାନରେ ରଖିବେ, ତେବେ ଆପଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ । ମୋ ଜୀବନ ଏବେ ମଧ୍ୟ ବିପଦାପନ୍ନ । ବିଭିନ୍ନ ଅଜଣା ଫୋନ୍ ନମ୍ବରରୁ ମୋ ପାଖକୁ କଲ୍ ଆସୁଛି । ନାନାପ୍ରକାର ଧମକ ଦିଆଯାଉଛି । ସେ ବହି ଆଉ ଛପେଇଲେ କିମ୍ବା ବିକ୍ରି ହେଲେ ମୋତେ ହତ୍ୟା କରାଯିବ ବୋଲି ଚେତାବନୀ ଦିଆଯାଇଛି । ହୁଏତ ପ୍ରକାଶକଙ୍କୁ ମଧ୍ୟ ସେହିଭଳି ଧମକ ଦିଆଯାଇଥିବ । ସେ ବହି କେହି ପଢିବ । ଉଦ୍ଦେଶ୍ୟରେ କିଣି ନାହାନ୍ତି । ପୋଡ଼ି ଜାଳି ନଷ୍ଟ କରିଦେବା ଉଦ୍ଦେଶ୍ୟରେ ହିଁ କିଣା ଯାଇଛି ।

-କାରଣ ?

-‘କାରଣ ଆପଣ ନଜାଣିଲେ ଭଲ ।’

-‘ତଥାପି ଦୟାକରି କୁହନ୍ତୁ । ବିଶ୍ୱାସ କରନ୍ତୁ ଜଣେ ବିଶ୍ୱସ୍ତ ବନ୍ଧୁ ହିସାବରେ ମୁଁ ପ୍ରତିଶ୍ରୁତି ଦେଉଛି, ଏ ବିଷୟରେ କାହାକୁ କିଛି କହିବି ନାହିଁ ।’

-‘ସେ ବହିରେ ଲେଖା ଯାଇଥିବା ଗଳ୍ପ ମାନଙ୍କରେ ଏବେ ଶାସନରେ ଥିବା ବିଭିନ୍ନ ରାଜନୀତିଜ୍ଞ ମାନଙ୍କ କଳା କାରନାମା ବିଷୟରେ କୁଆଡେ ଲେଖା ଯାଇଛି । ଯେଉଁଟା ସମ୍ପୁର୍ଣ୍ଣ ମିଛ । ମୋର ଗଳ୍ପ ନିଚ୍ଛକ କାଳ୍ପନିକ । ମୋତେ କୁଆଡେ ବିରୋଧୀ ଦଳ ନେତାମାନେ ଏମିତି ଲେଖିବାକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ସେମାନେ ସନ୍ଦେହ କରୁଛନ୍ତି ।’

-‘ଏ’ତ ଖୁବ୍ ଖରାପ କଥା ଆଜ୍ଞା !’

-‘ଖାଲି ସେତିକି ନୁହେଁ । ସେ ବହିର ପ୍ରଚ୍ଛଦପଟ୍ଟରେ ସେମିତି ରଙ୍ଗ କାହିଁକି ବ୍ୟବହାର କରାଯାଇଛି ବୋଲି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତିବିଶେଷ ମୋତେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଛନ୍ତି । ଛାଡନ୍ତୁ ସେସବୁ କଥା ଆଜ୍ଞା । ଆପଣ କିନ୍ତୁ ଏସବୁ କଥା କାହାକୁ କହି ମୋ ଜୀବନ ପ୍ରତି ବିପଦ ସୃଷ୍ଟି କରିବେ ନାହିଁ । ପ୍ଲିଜ ।’ ସପନ ବାବୁ ଫୋନ୍ କାଟିଲେ ।

ମୁଁ ମନେ ମନେ ଭାବୁଥିଲି ଆଜିକାଲି ଜନ୍ମ ଛୁଆଠୁ ଆରମ୍ଭ କରି କାହାର ମୃତ୍ୟୁକୁ ନେଇ ବି ରାଜନୀତି ହେଉଛି । ଏଇ ରାଜନୀତି ପାଇଁ ଗାଁ ଲୋକଙ୍କ ଭିତରେ ସଦଭାବ ନଷ୍ଟ ହେଉଛି । ବିଦ୍ୟାଳୟ, ମହାବିଦ୍ୟାଳୟ, ଛାତ୍ରାବାସ ଆଦି ମାନଙ୍କରେ ମଧ୍ୟ ରାଜନୀତିର ପ୍ରବେଶ ହୋଇ ସାରିଛି । ଏବେ ପ୍ରତିଟି ଚଳଚ୍ଚିତ୍ର ପଛରେ ବୟକଟ୍‌ର ଟ୍ରେଣ୍ଡ ଯେମିତି ମୁଖ୍ୟ ସମାଚାର ହୋଇଛି । ସୋସିଆଲ ମିଡିଆ ମାଧ୍ୟମରେ ଏସବୁ ଖୁବ୍ ପ୍ରଚାରିତ ହେଉଛି । ଧନ୍ୟ ଏ ରାଜନୀତି..!!


+କୁଞ୍ଜବିହାରୀ ଲେନ, କଟକ


---


ସ୍ମିତା ପଣ୍ଡା


# ବେଳ





ମା ....!

କାହା ହାତ ସ୍ପର୍ଶରେ ମୁଁ ଚମକି ଉଠିଲି । ଦଶ ଏଗାର ବର୍ଷର ଶ୍ୟାମଳ ବର୍ଣ୍ଣର ପିଲାଟିଏ, ଦେହରେ ଲାଲ୍ ରଙ୍ଗର ଗୋଟେ ମଇଳା ସ୍ୱେଟର ଆଉ ବ୍ଲୁ ରଙ୍ଗର ହାଫ୍ ପ୍ୟାଣ୍ଟ୍, ନୁଖୁରା ଟାଆଁସିଆ କେଶ, ଶୁଖିଲାଶୁଖିଲା ଚମ ଆଉ ପେଜୁଆ ଡିମାଡିମା ଆଖି ଦୁଇଟାରେ ମୋ ଆଡ଼କୁ ଚାହିଁ ପୁଣି ଥରେ ମୋ ହାତକୁ ସ୍ପର୍ଶ କରିବାର ପୂର୍ବରୁ ଦୁଇ ପାଦ ପଛକୁ ଫେରି ଆସି ମୋର ତର୍ଜନୀ ହଲାଇ ପଚାରିଲି,‘ଏ କି ତାରିକା ତୋର ଟଙ୍କା ମାଗିବାର ?’ ମୋ ପ୍ରତିବାଦରେ ତା’ର କୌଣସି ପ୍ରତିକ୍ରିୟା ନଥିଲା, ନଥିଲା ଭୟ କି ଭୁଲ ଠିକ୍ ର ବିଚାର । ସେ ଖାଲି ହାତ ଦେଖାଇ କହି ଚାଲିଥିଲା ମା’...। ’

ସେ ସ୍ପର୍ଶ କରିଥିବା ମୋ କହୁଣି ପାଖ ହାତକୁ ମୁଁ ବାରମ୍ବାର ଦେଖି ଚାଲିଥିଲି, ମତେ ଲାଗୁଥିଲା ଯେମିତି ତା’ଦେହର ସବୁ ଧୂଳି ମଳି ଅସନା ମୋ ଦେହରେ ଆସି ଲେସି ହୋଇ ରହି ଯାଇଛି ।ମନର କ୍ରୋଧକୁ ଚାପି ରଖି ନପାରି କହିଲି , ‘ତୁ ଭଲରେ ମାଗିଥିଲେ ଦେଇଥାନ୍ତି, କିନ୍ତୁ ତୁ ଆସି ମୋ ଦେହକୁ ଛୁଇଁ ଯେମିତି ମାଗିଲୁ ସେ ପାଇଁ ମୁଁ ଆଉ କିଛି ବି ଦେବିନି । ଯା ...ଏଠୁ, ମୋ ପାଖରୁ ଚାଲିଯା ।’

ବସ୍ ଆସି ସାରିଥିଲା ବସଷ୍ଟାଣ୍ଡ, ଆଉ କିଛି ନକହି ମୁଁ ବସ୍‌ରେ ବସିଗଲି ଓ ନିଜର କ୍ରୋଧ ସମ୍ବରଣ କରିବାକୁ ଚେଷ୍ଟା କଲି ।

ଝରକା ଦେଇ ବାହାରକୁ ଚାହିଁଲି । ବାହାରେ ସେ ପିଲାଟା ସେମିତି ଠିଆ ହୋଇ ମତେ ଅନେଇ ଥାଏ ଆଉ ସେ ପିଲା ଠାରୁ କମ୍ ବୟସର ସେଇଭଳି ବେଶ ପୋଷାକ ପିନ୍ଧା ଝିଅଟିଏ ପୁଅଟିକୁ ଟାଣି ଟାଣି ଫେରାଇ ନେବାର ଚେଷ୍ଟା କରୁଥାଏ କିନ୍ତୁ ପୁଅଟି ସେମିତି ଅପଲକ ନୟନରେ ଚାହିଁ ରହିଥାଏ ମତେ । ବସ୍ ଦୂରକୁ ଦୂରକୁ ଚାଲି ଯାଉଥାଏ ଆଉ ମୁଁ ମୋ ଭିତରେ ଘୃଣା ଓ ରାଗରେ ଭିଡ଼ି ଧରିଥାଏ ସେଇ କେତୋଟି ଶବ୍ଦ ‘ମୁଁ ଆଉ କିଛି ବି ଦେବିନି ।’

ବସ୍‌ରୁ ଓହ୍ଲାଉଓହ୍ଲାଉ ମୋ ବାଁ ଗୋଡ଼ ମୋଡ଼ି ହୋଇଗଲା ବହୁତ୍ କଷ୍ଟରେ ନିଜକୁ ସମ୍ଭାଳି ନେଲି ମୁଁ...

କିନ୍ତୁ ପାଦ ପକାଇବା ବେଳକୁ ହେଉଥିବା କଷ୍ଟ ମୋ ମୁହଁରୁ ବାରି ହୋଇ ପଡୁଥାଏ ।ଲାଗୁଥାଏ ଆଜି ଆଉ କିଛି କାମ କରି ପାରିବିନି ଅଫିସ୍ ରେ । ସେଇୟା ହିଁ ହେଲା । ଅଫିସ୍ ରେ ପହଞ୍ଚିବା ପରେ ଗୋଡ଼ ଫୁଲିବା ସହିତ ବିନ୍ଧା ଆରମ୍ଭ ହୋଇଗଲା । ବହୁତ୍ କଷ୍ଟରେ ଗୋଟେ ଦୁଇଟା ଫାଇଲ ଦେଖି ଦେଇ ମୁଁ ଛୁଟି ଦରଖାସ୍ତ ଧରି ସାର୍ ଙ୍କ କ୍ୟାବିନ୍ ପାଖରେ ପହଞ୍ଚି ଥାଏ ଠିକ୍ ସେତିକି ବେଳେ ଅବିନାଶ ଫୋନ୍ କରି କହିଲେ ଯେ ‘ବୋଉଙ୍କ ଦେହ ଖରାପ୍ ସେ ଗାଁ କୁ ଚାଲି ଯାଉଛନ୍ତି । ତାଙ୍କୁ ଆଉ ଅପେକ୍ଷା ନକରି ମାମୁନିକୁ ଗଲା ବେଳେ ସ୍କୁଲରୁ ଘରକୁ ନେଇ ଯିବାକୁ ।’

କଣ ପାଇଁ କେଜାଣି ଏତେ ସବୁ ଘଟଣା ସେଦିନ ଘଟି ଯାଉଥିଲା ଗୋଟିଏ ପରେ ଗୋଟିଏ ! । ବହୁ କଷ୍ଟରେ ମାମୁନି ସ୍କୁଲରେ ସେଦିନ ପହଞ୍ଚିଲି । ଏ କ’ଣ ?... ମାମୁନିର ଦେହରେ ଜ୍ୱର ! ଏବେ ଏବେ ସେ ଜ୍ୱରରୁ ଭଲ ହୋଇଥିଲା ପୁଣି କଣ ହେଲା ? ବଡ଼ ବ୍ୟସ୍ତ ଲାଗୁଥାଏ । ବାଟରୁ କିଛି ମେଡିସିନ୍ କିଣି ଆମେ ଦୁହେଁ ଘରେ ପହଞ୍ଚିଲୁ ।ରାତିରେ ମାମୁନିର ଜ୍ୱର ଆହୁରି ବଢ଼ିବାକୁ ଲାଗିଲା । ମୁଁ ତା’ର ମୁଣ୍ଡରେ ପାଣି ପଟି ପକାଇ ଚାଲିଥାଏ ଆଉ ଭାବି ହେଉଥାଏ ଦିନର ସେଇ ସବୁ କଥା । ଭାବୁଥାଏ ଏସବୁ ଆଉ ସେ ବସ୍ ଷ୍ଟାଣ୍ଡରେ ଟଙ୍କା ମାଗୁଥିବା ପିଲାର ଅସନ୍ତୋଷର ଫଳ ନୁହେଁ ତ ? ସକାଳୁ ଗୋଟିଏ ପରେ ଗୋଟିଏ ଖରାପ ଘଟଣା ଘଟି ଚାଲିଛି ମୋ ସହିତ । କ’ଣ ଦରକାର ଥିଲା ତାକୁ ଫେରାଇଦେବା ? କିଛି ଟଙ୍କା ତ ସେ ମାଗୁଥିଲା । ଦେଇ ଦେଇଥିଲେ ହୁଏତ ଏମିତି କିଛି ଘଟି ନଥାନ୍ତା । ମନକୁ ମନ ଗୁଡ଼ାଏ ଛି ଛାକର ହୋଇ ଶୋଇବାକୁ ଗଲି । ମାମୁନି ବି ଶୋଇ ଯାଇଛି ଏଇ ଟିକେ ହେବ ଜ୍ୱର କମିବା ପରେ । ଅବିନାଶ କାଲି ବୋଉଙ୍କୁ ନେଇ ଗାଁରୁ ଆସୁଛନ୍ତି । ମତେ ପୁଣି କାଲି ସକାଳୁ ଉଠିବାକୁ ହେବ । ଅଫିସ୍‌ରୁ ସିନା ଛୁଟି ଆଣିଛି କିନ୍ତୁ ଅବିନାଶ, ମାମୁନି ଆଉବୋଉଙ୍କ କଥାତ ବୁଝିବାକୁ ହେବ । ଏମିତି ଭାବୁ ଭାବୁ କେତେବେଳେ ମତେ ଛାଇ ନିଦ ଲାଗି ଆସିଛି ମୁଁ ଜାଣି ପାରିନି ହଠାତ୍ କାହାର ମା’ ଡାକରେ ଚମକି ଉଠି ପଡ଼ିଲି । ସେହି ଡାକ ଯାହାକୁ ମୁଁ ସକାଳେ ବସ୍ ଷ୍ଟାଣ୍ଡ ଶୁଣିଥିଲି । ଲାଗିଲା ଯେମିତି କେହି ମତେ ଖୋଜି ଖୋଜି ଏଇଠି ଆସି ପହଞ୍ଚି ଯାଇଛି । କେମିତି ଟିକେ ଭୟଭୟ ବି ଲାଗିଲା । ଘଣ୍ଟାକୁ ଚାହିଁଲି ରାତି ତିନିଟା ପନ୍ଦର । ମାମୁନି ଶୋଇ ରହିଛି ସେମିତି ନିଦରେ । ମୁଁ ପୁଣି ଥରେ ଶୋଇବାକୁ ଚେଷ୍ଟା କରି ବି ଆଉ ଶୋଇ ପାରିଲି ନାହିଁ କେବଳ ବିଛଣାରେ ଆଖି ବନ୍ଦ କରି ପଡ଼ି ରହିଲି ସେମିତି ।

ସକାଳୁ ମୋ ଗୋଡ଼ ଟିକେ ଭଲ ଲାଗୁଥିଲା । ସବୁ କାମ ଯଥା ରୀତି କରିନେଇ ମୁଁ ଅପେକ୍ଷା କରି ଥାଏ ଅବିନାଶ ଓ ବୋଉଙ୍କୁ । ଠିକ୍ ସମୟରେ ସେମାନେ ମଧ୍ୟ ଆସି ପହଞ୍ଚି ଗଲେ । ସମସ୍ତେ ମିଶି ଖିଆ ପିଆ କଲୁ । ଦିନଟା ଭଲରେ ଭଲରେ କଟୁ ଥିବାରୁ ମୁଁ ଟିକେ ଖୁସି ଥାଏ । ସନ୍ଧ୍ୟାରେ ବୋଉ , ମାମୁନି ଓ ମୁଁ ସମସ୍ତେ କିଛିଟା ସୁସ୍ଥ ଅନୁଭବ କରିଥିଲୁ ଆଉ ଅବିନାଶଙ୍କ ଅଫିସ୍ ଛୁଟି ପରେ ସମସ୍ତେ ମିଶି ଗୋଟେ ହୋଟେଲ ରେ ଖାଇ ଘରକୁ ଫେରି ଆସିଲୁ । ସବୁ କିଛି ସେଦିନ ଠିକ୍‌ଠାକ୍ ଥିବାରୁ ଠାକୁରଙ୍କୁ ମନେ ମନେ କୃତଜ୍ଞତା ଜଣାଉଥାଏ ଆଉ ବିଚରା ପିଲାଟିକୁ ସବୁ ଦୋଷ ଲଟିଦେଇ ଥିବାରୁ ନିଜକୁ ଦୋଷୀଦୋଷୀ ଲାଗୁ ଥାଏ । ଭାବୁଥାଏ ଏମିତି କାହାକୁ ଭାବିବା ବା କହିବା ଉଚିତ ନୁହେଁ । ହଉ, ଛାଡ଼, ଯାହାସବୁ ଘଟି ସାରିଛି ସେସବୁ ଏବେ ଭାବି ଆଉ କିଛି ଲାଭ ନାହିଁ । ମତେ ପୁଣି ବିଶ୍ରାମ ନେବାକୁ ହେବ । ଦିନଟିଏ ସିନା ଛୁଟି ମିଳିଗଲା କାଲିଠୁ ତ ପୁଣି ସେଇ ଚିରାଚରିତ କାମ ମାନ ବାହାରି ପଡ଼ିବ ସକାଳୁ ରାତି ଯାଏଁ । ଆଉ କିଛି ନ ଭାବି ବିଛଣା ଉପରେ ପଡ଼ି ଗଲି ମୁଁ ।

ନିଦ ଲାଗି ଆସିଥାଏ ପୁଣି ସେହି ଡାକ କେହି ମତେ ଡ଼ାକି ଲାଗିଥାଏ , ‘ମା... , ମା...‘ ମୁଁ ଧଡ଼ପଡ଼ ହୋଇ ଉଠି ପଡ଼ିଲି । ଏଥର ସେ ଡାକରେ ମୋର କିନ୍ତୁ ରାଗ କି ଭୟ ଆସୁ ନଥିଲା ବରଂ ସେ ଡାକରେ ମୁଁ କେମିତି ଗୋଟେ ଆନନ୍ଦ ଅନୁଭବ କରୁଥିଲି ଲାଗୁଥିଲା ଯେମିତି ମୋର କେହି ସନ୍ତାନ ମତେ ଖୋଜି ବୁଲୁଛି ।ଆଖି ଆଗରେ ନାଚି ଉଠିଲା ସେଇ ପିଲାର ଚେହେରା । ଇଚ୍ଛା ହେଉଥିଲା ଏଇଠି କୋଉଠି ଏବେ ସେ ଥାଆନ୍ତା କି ତା’କୁ ଟିକେ ସ୍ନେହ ଆଦର କରି ଦିଅନ୍ତି ,ତା ଓଠରେ ହସ ଟିକେ ଭରି ଦିଅନ୍ତି ।

ସେଦିନ ସକାଳୁ ମୋ ମନରେ ଉତ୍କଣ୍ଠା ଭରି ରହିଥାଏ । ଆଜି ଟିକିଏ ଜଲଦି ଅଫିସ ଯିବି । ବସଷ୍ଟାଣ୍ଡ ରେ ସେ ପିଲାକୁ ଦେଖା କରିବି, ତା ସଙ୍ଗରେ କଥା ହେବି ଆଉ ତା ସୁଖ ଦୁଃଖରେ କିଛି ସମୟ ଅତିବାହିତ କରିବି । ଏମିତି ସବୁ ଭାବନା ଭିତରେ ମୋର କାମଦାମ ସାରିଦେଇ ମୁଁ ବସ୍‌ରେ ଚଢ଼ିଲି । ଆଗ ଷ୍ଟାଣ୍ଡରେ ମତେ ବସ୍ ପରିବର୍ତ୍ତନ କରିବାକୁ ହେବ ଆଉ ସେ ପିଲାଟି ସହିତ ଦେଖା ବି ହେବ ।

ମୁଁ ଝରକା ଫାଙ୍କରେ ଅନେଇ ରହିଥାଏ ବାହାରକୁ । ମନେ ମନେ କେତେ କଣ ଭାବି ଚାଲିଥାଏ । ବସ୍ ଠିକ୍ ଟାଇମ ରେ ପହଞ୍ଚି ଗଲା । ମୁଁ ତଳକୁ ଓହ୍ଲାଇ ଆସି ଚାରି ପଟକୁ ଆଖି ପକାଉ ଥାଏ । କିନ୍ତୁ କୋଉଠି ବି ସେ ପିଲାକୁ ଦେଖି ନପାରି ଗୋଟେ ଫଳ ଦୋକାନୀ ପାଖକୁ ତା’କଥା ପଚାରିବାକୁ ବାହାରି ଥାଏ ହଠାତ୍ ଦେଖିଲି ସେ ଝିଅଟିକୁ । ସେଇ ଝିଅ, ଯିଏ ସେଦିନ ସେ ପୁଅକୁ ଟାଣି ଟାଣି ନେଇ ଯାଉଥିଲା ।ମତେ ଦେଖି ସେ ଟିକେ ଶଙ୍କି ଗଲା । ମୁଁ ମୋ ମୁହଁରେ ହସ ଟିକେ ଫୁଟେଇ ତା’କୁ ପାଖକୁ ଡାକିଲି ।ସେ ବି ଟିକେ ହସିଦେଲା ଏଥର ବୋଧହୁଏ ତା’ ମନରୁ ଭୟ ଟିକେ ଦୂରେଇ ଗଲା । । ମୋ ପାଖକୁ ଆସି ଠିଆ ହେଲା । କହିଲି, ‘ଗୋଟେ କାମ କରିଦେବୁ ମୋର ?’

ସେ ପଚାରିଲା, ‘କ’ଣ ?

ମୁଁ ତା’ ହାତ ପାପୁଲିରେ ଗୋଟେ କୋଡ଼ିଏ ଟଙ୍କା ଧରାଇ ଦେଇ ହାତ ମୁଠାକୁ ଚାପି ଧରିଲି ତା’ ମୁହଁରେ ଧାରେ ହସ ଫୁଟେଇ ଦେଇ ସେ ପୁଣି କହିଲା,‘କୁହନ୍ତୁ ମା ! ‘ ମା....। ମୋ ମନରେ ଗୋଟେ ଶିହରଣ ଖେଳି ଗଲା । କହିଲି,‘ହଁ ସେଇ ପୁଅଟିକୁ ଟିକେ ଡାକି ଦେବୁ, ଯାହାକୁ ତୁ ସେଦିନ ଟାଣିଟାଣି ମୋ ନଜର ଆଢୁଆଳ କରିନେଉଥିଲୁ ଆଉ ମୁଁ ତା ଉପରେ ରାଗି ଚାଲିଥିଲି ।’ ଝିଅଟି କ୍ଷଣେ ମତେ ଅବାକ୍ ହୋଇ ଚାହିଁ ରହିଲା ଆଉ ତା ପରେ ମୁଁ ଦେଇଥିବା କୋଡ଼ିଏ ଟଙ୍କାଟା ସେମିତି ଗୁଡ଼େଇ ହୋଇଥିବା ଅବସ୍ଥାରେ ମୋ ହାତରେ ଗୁଞ୍ଜିଦେଇ ନିଜର ଦୁଇ ହାତରେ ମୁହଁକୁ ଚାପି ଧରି କଇଁକଇଁ ହୋଇ କାନ୍ଦି ଉଠିଲା ଆଉ ମୁଁ କିଛି କିଛି ବୁଝିବା ଆଗରୁ, ସେ ବୁଲି ପଡ଼ି ଭିଡ଼ ଭିତରେ ଅଦୃଶ୍ୟ ହୋଇ ସାରିଥିଲା ।


+ ନରସିଂହପୁର, କଟକ
(ମୋ) ୭୦୦୮୨୪୩୬୭୨

# ରେଳ ସାଇଡିଂରେ ପଡ଼ିରହିଛି ଏକଲକ୍ଷ ଟନ୍ ଲୁହାପଥର



ଯୋଡ଼ା : କେନ୍ଦ୍ର ସରକାରଙ୍କ ଆଇବିଏମ୍‌ର ଖଣିଜ ସଂରକ୍ଷଣ ନୀତି ଅସ୍ପଷ୍ଟ ଥିବାରୁ ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ରେଳସାଇଡିଂରେ ଗଚ୍ଛିତ ଥିବା ମୂଲ୍ୟବାନ ଲୁହାପଥର ପଡ଼ିରହିଛି। ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ରେଳସାଇଡିଂରେ ଏକଲକ୍ଷ ଟନ୍ ଲୁହାପଥର ଦୀର୍ଘ ୧୦ବର୍ଷ ହେବ ପଡ଼ିରହିଛି। ଲୁହାପଥର ପରିବହନ ପାଇଁ ରେଳବାଇ ଅତ୍ୟଧିକ ଜରିମାନା ମାଗୁଥିବାରୁ ଏହା ପଡ଼ିରହି କାମରେ ଲାଗିପାରୁନି। ଖଣି ବିଭାଗର ସୂଚନା ଅନୁଯାୟୀ, ୨୦୦୯-୧୦ ଆର୍ଥିକ ବର୍ଷରେ ଏହି ବିପୁଳ ପରିମାଣର ଲୁହାପଥର ବିଭିନ୍ନ ରେଳସାଇଡ଼ିଂରେ ପରିବହନ ପାଇଁ ଗଚ୍ଛିତ ଥିଲା। ଜଷ୍ଟିସ ଏମ୍‌ବି ଶାହା କମିସନ ଓ ପରବର୍ତ୍ତୀ ସମୟରେ ସେଣ୍ଟ୍ରାଲ ଏମ୍‌ପାୱାରଡ କମିଟିର ଗସ୍ତ ବେଳେ ଏସବୁ ଲୁହାପଥରର ନଥିପତ୍ର ଯାଞ୍ଚ ହୋଇଥିଲା। ଆବଶ୍ୟକ ଦସ୍ତାବିଜ ଦେଖାଇବାରେ ବ୍ୟବସାୟୀମାନେ ଅସମର୍ଥ ହେବାରୁ ଏସବୁ ଲୁହାପଥର ପରିବହନ ହୋଇନପାରି ପଡ଼ି ରହିଥିଲା। ଏବେ ଏହି ଲୁହାପଥରର ଦାବିଦାରମାନେ ଆବଶ୍ୟକ ନଥିପତ୍ର ନେଇ ଖଣି ବିଭାଗ ପାଖକୁ ଆସୁଛନ୍ତି। ତେବେ ବର୍ଷବର୍ଷ ଧରି ରେଳସାଇଡିଂରେ ଲୁହାପଥର ପଡ଼ିଥିବାରୁ ରେଳବାଇ ଉକ୍ତ ସ୍ଥାନର ଜରିମାନା ଦାବି କରୁଛି। ଯାହା ଅତ୍ୟନ୍ତ ବ୍ୟୟବହୁଳ ହେଉଥିବାରୁ ଲୁହାପଥର ପରିବହନ ହୋଇପାରୁ ନାହିଁ। ଫଳରେ ଏସବୁ ସ୍ଥାନରୁ ଲୁହାପଥର ଚୋରି ହେବାରେ ଲାଗିଛି। ସେହିପରି ଲୁହାପଥର ପରବହନ ହୋଇ ନପାରିବାର ଅନ୍ୟ ଏକ କାରଣ ହେଉଛି କେନ୍ଦ୍ର ସରକାରଙ୍କ ଆଇବିଏମ୍ (ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ)ର ଅସ୍ପଷ୍ଟ ଖଣିଜ ସଂରକ୍ଷଣ ଓ ବିକାଶ ନୀତି। ଯାହାଦ୍ୱାରା ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ରେଳସାଇଡିଂରେ ପଡ଼ିଥିବା ଲୁହାପଥର ପରିବହନ ହୋଇପାରୁ ନଥିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ରେଳବାଇ, ଆଇବିଏମ୍ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଗଚ୍ଛିତ ଥିବା ଲୁହାପଥର ପରିବହନ ପାଇଁ ରାସ୍ତା ଫିଟିପାରୁ ନଥିବା କୁହାଯାଉଛି।

ଏ ସମ୍ପର୍କରେ ବାଂଶପାଣି ଷ୍ଟେସନ ମ୍ୟାନେଜର ଦିବାକର ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ, ରେଳସାଇଡିଂରେ ଡମ୍ପ ଆଣ୍ଡ ଲୋଡିଂ ଅର୍ଥାତ ଖଣିରୁ ଟ୍ରକ୍‌ରେ ଖଣିଜ ପରିବହନ ହୋଇ ରେଳସାଇଡିଂରେ ପଡ଼ିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ରେଳଡବାରେ ବୋଝେଇ ହେବାର ନିୟମ ରହିଛି। ରେଳସାଇଡିଂରୁ ଅଧିକ ଦିନ ଧରି ଖଣିଜ ଗଚ୍ଛିତ ହୋଇ ରହିଲେ ରେଳବାଇ ଜରିମାନା କରିଥାଏ। ପ୍ରତିଦିନ ୱାଗନ ପିଛା ୧୭୫ଟଙ୍କା ହିସାବରେ ଜରିମାନା ଲାଗିବ। ଯୋଡ଼ା ଖଣି ମଣ୍ଡଳର ବଡ଼ବିଲ, ବଲାଣି, ଜୁରୁଡ଼ି, ଦେଓଝର, ବାଂଶପାଣି, ନୟାଗଡ଼, ବିଲକୁଣ୍ଡି ରେଳସାଇଡିଂରେ ଏକଲକ୍ଷ ଟନ୍‌ରୁ ଊର୍ଦ୍ଧ୍ୱ ଲୁହାପଥର ଦଶବର୍ଷ ହେଲା ଗଚ୍ଛିତ ହୋଇ ରହିଥିବା ଯୋଡ଼ା ଖଣି ମଣ୍ଡଳର ଉପନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି। ଯଦି ରେଳବାଇ ଜରିମାନା ଆଦାୟ କରେ ତେବେ ଲୁହାପଥର ମୂଲ୍ୟଠାରୁ ଜରିମାନା ରାଶି ଅଧିକ ହୋଇଯିବ ବୋଲି କୁହାଯାଉଛି।

# ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କଂଗ୍ରେସର ଧାରଣା : ୯ ତାରିଖରେ କୋରାପୁଟ ଜିଲ୍ଲା ବନ୍ଦ

ଜୟପୁର, ୩୦/୦୪ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାର ପ୍ରାଣକେନ୍ଦ୍ର ଜୟପୁର ସହର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ନେତୃତ୍ୱରେ ଜୟପୁର ମୁଖ୍ୟ ଡାକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି କଂଗ୍ରେସ । ଧାରଣାସ୍ଥଳରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଧାରଣାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମି ଉପସ୍ଥିତ ଥିଲେ । ଅବିଭକ୍ତ କୋରାପୁଟ ଜିଲା ପ୍ରତି କେନ୍ଦ୍ର ସରକାରଙ୍କ ଅଣଦେଖା ନେଇ ବିଧାୟକ ବାହିନିପତି ବର୍ଷିଥିଲେ। ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ସବୁ କିଛି ଭିତିଭୂମି ରହିଛି । ଏଥିପାଇଁ ୮ ଏକର ଜମି ଚିହ୍ନଟ ହୋଇ ହସ୍ତାନ୍ତର ମଧ୍ୟ ସରିଛି । ଭିତିଭୂମି ପ୍ରସ୍ତୁତ ହେବାଯାଏ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବା ପାଇଁ ଜୟପୁର ସରକାରି ଉଚ୍ଚ ବିଦ୍ୟାଳୟରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏକ ଗୃହ ମଧ୍ୟ ପ୍ରସ୍ତୁତ ହୋଇଛି । ଏହାକୁ ଶିଘ୍ର ଖୋଲିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରତିଶୃତି ଦେଇଥିଲେ । ହେଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜନୈତିକ ଉଦ୍ଦେଶ୍ୟ କାରଣରୁ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଉ ନାହିଁ ବୋଲି ବିଧାୟକ ତାରା ପ୍ରସାଦ ବାହିନିପତି ଅଭିଯୋଗ କରିଥିଲେ । ସ୍ଥାନୀୟ ଜିଲାର ଶିକ୍ଷିତ ଯୁବକଙ୍କୁ କୋରାପୁଟ ଜିଲାରେ ନିଯୁକ୍ତି, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, କେନ୍ଦ୍ରୀୟ ଡ୍ରାଇଭିଙ୍ଗ ତାଲିମ, ଗବେଷଣା କେନ୍ଦ୍ର ଜୟପୁର ଠାରେ ପ୍ରତିଷ୍ଠା ଆଗାମି ୮ ତାରିଖ ସୁଦ୍ଧା ଘୋଷଣା ନହେଲେ ୯ ତାରିଖରେ କଂଗ୍ରେସ ତରଫରୁ ଏହି ପ୍ରସଙ୍ଗକୁ ନେଇ କୋରାପୁଟ ଜିଲା ବନ୍ଦ କରାଯିବ ବୋଲି ଚେତାବନି ଦେଇଛନ୍ତି ବିଧାୟକ ତାରା ପ୍ରସାଦ ବାହିନିପତି । ସେପଟେ କେନ୍ଦ୍ରୀୟ ବିଦ୍ୟାଳୟ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସମସ୍ତ ରିପୋର୍ଟ ସରକାରଙ୍କୁ ପୂର୍ବରୁ ହସ୍ତାନ୍ତର କରାଯାଇଛି । କେବଳ ସରକାରଙ୍କ ନିଷ୍ପତିକୁ ହିଁ ଅପେକ୍ଷା ବୋଲି ଉପ ଜିଲାପାଳ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଜିଲା ପ୍ରଶାସନ ପ୍ରସ୍ତାବ ପଠାଇସାରିଛି । ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ଅଧିନରେ ପଡି ରହିଛି । ଏହାକୁ ନେଇ ସ୍ଥାନୀୟ ସାଂସଦ ବାରମ୍ବାର ଲୋକସଭାରେ ପ୍ରଶ୍ନ ଉଠାଇଥିବା ବେଳେ ବିଧାୟକ ବାହିନିପତି ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ସେହି ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଜୟପୁର ଆସି ସ୍କୁଲ ସମ୍ପର୍କରେ ଘୋଷଣା କରିବି ବୋଲି ବାହିନିପତିଙ୍କୁ ପ୍ରତିଶୃତି ଦେଇଥିବା ବେଳେ ଦୁଇ ଥର କୋରାପୁଟ ଆସି ଫେରିଥିଲେ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରତିଶୃତି ପାଳନ କରିନଥିଲେ । ସଂସଦରେ ମଧ୍ୟ ସାଂସଦଙ୍କ ଉତରରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗ ବିଚାରାଧିନ ରହିଥିଲେ ବି କୌଣସି ସନ୍ତୋଷଜନକ ଉତର ଦେଇନଥିଲେ । ଉଭୟ ଶିକ୍ଷାମନ୍ତ୍ରୀଙ୍କ ଏଭଳି ଆଚରଣକୁ ନେଇ ସ୍ଥାନୀୟ କଂଗ୍ରେସ ନେତୃମଣ୍ଡଳି ବିଜେପିର ଏହା ରାଜନୈତିକ ଚାଲ ବୋଲି ଆକଳନ କରିଛନ୍ତି । ରାଜ୍ୟରେ ୬୦ରୁ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ସାରିଥିବା ବେଳେ କମ କମ ଜନସଂଖ୍ୟା ବିଶିଷ୍ଟ ସହରରେ ମଧ୍ୟ ଏହା ଠିଆ ହେଲାଣି । ଦକ୍ଷିଣ ଓଡିଶାର ପ୍ରମୁଖ ସହର, ଲକ୍ଷାଧିକ ଜନସଂଖ୍ୟା ବିଶିଷ୍ଟ ଜୟପୁର ସହର ଏଥିରେ ସ୍ଥାନିତ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅପରପକ୍ଷେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ନିଜ ଜିଲାରେ ଅନୁଗୁଳ, ତାଳଚେର, ଆଠମଲ୍ଲିକ ଭଳି ସହରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିବା ବେଳେ ନିଜ ସ୍ତ୍ରୀଙ୍କ ବାପଘର ହିମାଚଳ ପ୍ରଦେଶର ଏକ ନିର୍ଦ୍ଦିଷ୍ଟ ସହରରେ ତୁରନ୍ତ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଇଛନ୍ତି । ଏହାକୁ ନେଇ ଅବିଭକ୍ତ କୋରାପୁଟ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ଆଧାର କରି କଂଗ୍ରେସ ତଥା ଜୟପୁର ବିଧାୟକ ଏବେ ରାଜରାସ୍ତାକୁ ଓହ୍ଲାଇଥିବା ଜଣାଯାଇଛି। ଆଜିର ଏହି ଧାରଣାରେ ବିଧାୟକଙ୍କ ସହ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ବାହିନିପତି, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ମହିଳା ସଭାନେତ୍ରୀ ନଳିନି ରଥ, ବିନୋଦ ମହାପାତ୍ର, ରାମ ପାଢୀ, ବୁଲୁ ସାହୁ, ନିହାର ବିଷୋୟୀ, କୃଷ୍ଣ କୁଳଦୀପ, ବାବୁଲା ବେନିୟା, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅମଲା ସଙ୍ଘର ନିର୍ବାଚନ

ଜୟପୁର, ୩୦/୦୪ (ନି.ପ୍ର): ରାଜ୍ୟ ଓଡ଼ିଶା ଅମଲା ସଂଘର କର୍ମକର୍ତା ନିର୍ବାଚନ ଓ ଚୟନ ଓଡ଼ିଶା ଇଂଜିନିୟରିଂ ଭବନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି ପୁରାତନ କମିଟିର କାର୍ଯ୍ୟକାଳ ସମାପନ ହୋଇଯାଇଥିବା ଯୋଗୁଁ ଆଜି ନୂତନ କମିଟି ଗଠନ କରାଯାଇଛି ଏହି କମିଟି ୨୦୨୬ ମସିହା ଏପ୍ରିଲ ମାସ ପର୍ଯ୍ୟନ୍ତ ବଳବତର ରହିବା ନେଇ ସୁଚନା ମିଳିଛି. ସୂଚନା ମୁତାବକ ନୁତନ କମିଟି ରେ ରାଜ୍ୟ ଓଡ଼ିଶା ଅମଲା ସଂଘ ସଭାପତି ରୁପେ ଶ୍ରୀ ଜ୍ଞାନ ରଞ୍ଜନ ଦାଶ ପୁରୀ ଜିଲ୍ଲାରୁ, ସାଧାରଣ ସମ୍ପାଦକ ଭାବେ ଚିତରଞ୍ଜନ ତରାସିଆ ସୋନପୁର ହୋଇ ଥିବା ସ୍ଥଳେ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶ୍ରୀ ଶଶୀଭୂଷଣ ଦାଶ କୋରାପୁଟ ଜିଲ୍ଲା ରୁ ମନନିତ ହୋଇଥିବା ଜଣା ପଡ଼ିଛି ସେହିପରି ସମସ୍ତ ପଦବି ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ନିମନ୍ତେ କର୍ମକର୍ତା ଚୟନ କରାଯାଇଥିବା ସୁଚନା ମିଳିଛି ।

# କଏଦୀଙ୍କ ଗତିବିଧିକୁ ପଢ଼ିବେ ମନସ୍ତତ୍ତ୍ୱ ବିଶେଷଜ୍ଞ: ଦୂରହେବ ମାନସିକ ଚାପ, ବଦଳିବ ସ୍ୱଭାବ



ଭୁବନେଶ୍ୱର , ୩୦/୦୪ (ନି.ପ୍ର): ଜେଲ ଭିତରେ କେଉଁ ଅପରାଧୀ ଅନ୍ୟ ଅପରାଧୀକୁ ଆକ୍ରମଣ କଲାଣି ତ କିଏ ମାନସିକ ଚାପରେ ରହି ଆତ୍ମହତ୍ୟା କଲାଣି । ନିଜକୁ ନିଜେ ଆକ୍ରମଣ କରି କ୍ଷତି ପହଞ୍ଚାଇଲାଣି । ଏପରିକି ଅନେକ ଅପରାଧୀ ମାନସିକ ଚାପ ମଧ୍ୟରେ ଜେଲରୁ ବାହାରି ଅଧିକ ଅପରାଧ ଘଟାଉଛନ୍ତି । କଏଦୀ ଜେଲ୍‌ରେ ରହି ସୁଧାର ଆସିବା ବଦଳରେ ଏଭଳି ଅସ୍ୱାଭାବିକ ଆଚରଣ ଦେଖାଦେବା ଜେଲ୍ ବିଭାଗ ପାଇଁ ଚିନ୍ତା ବଢ଼ିଛି। ତେଣୁ କଏଦୀଙ୍କ ଆଚରଣ, ଉଚାରଣ କିଭଳି ପରିବର୍ତ୍ତନ ହେବ। ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍‌ହେବେ। ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଏଥିରେ ଏକ ସଂସ୍କାର ଆଣିବାକୁ କଏଦୀ ଓ କାରାଗାର ନିର୍ଦ୍ଦେଶାଳୟ ବଡ଼ ନିଷ୍ପତ୍ତି ନେଇଛି।

ଏଣିକି ରିତିମତ ଭାବେ ମନସ୍ତତ୍ତ୍ୱ ବିଶେଷଜ୍ଞ ଓ ଡାକ୍ତର କାରାଗାର ବୁଲି କଏଦୀଙ୍କ ଗତିବିଧି ଉପରେ ନଜର ରଖିବେ। ସନ୍ଦେହ ପ୍ରକଟ ହେଉଥିବା କଏଦୀଙ୍କୁ କାଉନ୍‌ସେଲିଂ କରିବେ। ସେମାନଙ୍କ ମାନସିକ ସ୍ଥିତିକୁ ପଢ଼ି ଉପଯୁକ୍ତ ଚିକିତ୍ସା କରିବା ସହ ଆଚାରଣ ଉଚ୍ଚାରଣରେ ପରିବର୍ତ୍ତନ ଆଣିବେ। ଏଥିପାଇଁ କଏଦୀ ଓ କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ ୩୩ଜଣଙ୍କୁ ନିଯୁକ୍ତ ଦିଆଯାଇଥିବା ବେଳେ ୨୬ଜଣ ଯୋଗଦେଇଛନ୍ତି। ଯେଉଁଥିରେ ୧୪ ଜଣ ମନସ୍ତତ୍ତ୍ୱବିତ ଡାକ୍ତର ଓ ୧୨ ଜଣ ମାନସିକ ବିଶେଷଜ୍ଞ ରହିଛନ୍ତି। ଅନ୍ୟମାନେ ଖୁବ୍‌ଶୀଘ୍ର ଯୋଗଦେବେ ବୋଲି ଜଣାପଡ଼ିଛି। ତେବେ ପ୍ରଥମ ପର୍ଯ୍ୟାୟରେ କଟକ ଜିଲ୍ଲା ଚୌଦ୍ୱାର ଜେଲ୍‌ରେ ବିଶେଷଜ୍ଞ ଟିମ୍ ଚିକିତ୍ସା ଆରମ୍ଭ କରିଛନ୍ତି।

ଡିଆଇଜି ଶୁଭକାନ୍ତ ମିଶ୍ର କହିଛନ୍ତି ଯେ, ଯେଉଁ ଜେଲରେ ଅଧିକ ମାନସିକ ରୋଗୀ ବା ମାନସିକ ରୋଗରେ ଆକ୍ରାନ୍ତ କଏଦୀ ରହୁଛନ୍ତି ସେଗୁଡ଼ିକୁ ଚିହ୍ନଟ କରି ତାଲିକା କରାଯିବ। ନିଯୁକ୍ତ ମନସ୍ତତ୍ତ୍ୱ ବିଶେଷଜ୍ଞ ଓ ଡାକ୍ତର କଏଦୀଙ୍କୁ ନିରୀକ୍ଷଣ କରିବେ। ପ୍ରାଥମିକ ପର୍ଯ୍ୟାୟରେ ୨୦ଟି ଜେଲରେ ଏପରି ନବ ନିଯୁକ୍ତ ମନସ୍ତତ୍ତ୍ୱବିତଙ୍କୁ ନିଯୁକ୍ତ କରାଯାଇ କଏଦୀ ମାନଙ୍କର ମାନସିକ ସ୍ଥିତି ଉପରେ ନଜର ରଖାଯିବ। ରାଜ୍ୟରେ ୮୭ଟି ଜେଲ୍ ଥିବା ବେଳେ ୨୦ଟି ବଡ଼ ଜେଲ୍‌ରେ ମାନସିକ ସ୍ଥିତି ଠିକ୍ ନଥିବା କଏଦୀଙ୍କୁ ରଖି ଏପରି ଚିକିତ୍ସା କରାଯିବ। ଫଳରେ କଏଦୀଙ୍କ ମଧ୍ୟରେ ଦେଖା ଦେଉଥିବା ସମସ୍ୟା ଦୂର କରାଯାଇପାରିବ ବୋଲି ସେ କହିଛନ୍ତି।

# ଆନ୍ତର୍ଜାତିକ କର୍ମଶାଳାରେ ମାଲକାନଗିରି ମହାବିଦ୍ୟାଳୟର କୃତିତ୍ୱ

ମାଲକାନଗିରି, ୩୦/୦୪ (ନି.ପ୍ର): ଭାରତ ସରକାର ଏବଂ ଜି-୨୦ ର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱର ସ୍ଥିତ ଖଣିଜ ଓ ଦ୍ରବ୍ୟ ପ୍ରଯୁକ୍ତି ପ୍ରତିଷ୍ଠାନ ଠାରେ ଆନ୍ତର୍ଜାତିକ ୫ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ମାଲକାନଗିରି ମହାବିଦ୍ୟାଳୟର ମୁଖ୍ୟ ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସବିତା କଟିମ୍, ଗାଙ୍ଗୀ ଦୂର୍ଗା, ଉତମ କେଳା, କେ. ଅମେନ୍ଦ୍ର ସକ୍ରିୟ ଅଂଶଗ୍ରହଣ ସହିତ ମତ ବିନିମୟ କରିଥିଲେ। ଏହି କର୍ମଶାଳାର ବିଷୟ ବସ୍ତୁ ଜୀବନ ବ୍ୟାପି ପଢ଼ିବା ପାଇଁ ଦକ୍ଷତା ପ୍ରଶିକ୍ଷଣ ଶିବିର ସହିତ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଏକ ସନ୍ଦର୍ଭ ପାଠ ଅନୁଷ୍ଠିତ ହୋଇଥିଲା । ଏଥିରେ ଡିଜିଟାଲ ଇଣ୍ଡିଆ, ଇକୋସିଷ୍ଟମ୍, ଆର୍ଟଫିସିଆଲ ଇଂଟେଲିଜେନ୍ସ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟାର୍ଥୀ ମାନଙ୍କୁ ଉତମ ଭବିଷ୍ୟତ ଗଠନ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସମ୍ମିଳନୀରେ ୨୪ ଟି ଦେଶର ୬୧ ଜଣ ପ୍ରତିନିଧି ଯୋଗଦାନ କରି ଭାବର ଆଦାନପ୍ରଦାନ କରିବା ସହିତ ଭବିଷ୍ୟତ କାର୍ଯ୍ୟ ପନ୍ଥା ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା ''ବସୁଧଇବ କୁଟୁମ୍ବକମ୍'' ଅର୍ଥାତ୍ ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ଉପରେ ବିଭିନ୍ନ କୋଣ ଅନୁକୋଣରୁ ମତ ବିନିମୟ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରଦର୍ଶନୀ ପ୍ରଦର୍ଶନ କରାଯାଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ବାର୍ତା ଦିଆଯାଇଥିଲା। କର୍ମଶାଳାରେ ଯୋଗଦେଇ ଫେରିବା ପରେ ଆଜି ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ସମସ୍ତ ଅଧାପକ ଓ ଅଧାପିକା ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ୟାପକ ପରିମାଣର ପୋଚ ନଷ୍ଟ କରାଗଲା, ୯୦୦ ଲିଟର ଦେଶୀ ମଦ ଜବତ

ଖୋର୍ଦ୍ଧା, ୩୦/୦୪ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବାଣପୁର ଥାନା ଦାମିଆ ବରବରା ଅଂଚଳରେ ଚଢ଼ଉ କରାଯାଇ ବ୍ୟାପକ ପରିମାଣର ଦେଶୀ ପୋଚ ନଷ୍ଟ କରାଯିବା ସହ ୯୦୦ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଆଜି ଦାମିଆ ବରବରା ନିକଟସ୍ଥ ଶାଳିଆ ଡ୍ୟାମ ନିକଟବର୍ତୀ ଅଂଚଳରେ ଚଢ଼ଉ କରି ୧୨ ହଜାର ଲିଟର ଦେଶୀ ପୋଚ ନଷ୍ଟ କରିବା ସହ ୯ ଶହ ଲିଟର ଦେଶୀ ମଦ ଜବତ କରିଛି ।ଏହି ଚଢ଼ଉରେ ଖୋର୍ଦ୍ଧା ରେଞ୍ଜ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ଟାଙ୍ଗୀ ରେଞ୍ଜ ଅବକାରୀ ଇନ୍ସପେକ୍ଟର ଆଲୋକ କୁମାର ପ୍ରଧାନ, ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଇନ୍ସପେକ୍ଟର ନୀଳିମା ଜୟନ୍ତୀ ସ୍ୱାଇଁ, ବାଲୁଗାଁ ଅବକାରୀ ଅଧିକାରୀ ରୋହିତ ଦଣ୍ଡସେନା, ଖୋର୍ଦ୍ଧା ଅବକାରୀ ଅଧିକାରୀ ରଞ୍ଜନ ଦାସ, ବେଗୁନିଆ ଅବକାରୀ ଅଧିକାରୀ ରାଜେନ୍ଦ୍ର ଖେସ, ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ସବଇନ୍ସପେକ୍ଟର ବି. ମନୋଜ କୁମାର ପ୍ରମୁଖ ସାମିଲ ଥିଲେ।

## ପୋଖରୀରେ ବୁଡି ଜଣେ ମୃତ

ଗଞ୍ଜାମ, ୩୦/୦୪ (ନି.ପ୍ର): ପୋଖରୀରେ ଗାଧୋଇବା ହେଲା କାଳ । ପୋଖରୀରେ ଗାଧୋଉଥିବା ସମୟରେ ଗୋଡ଼ ଖସିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଶେରଗଡ଼ ନିକଟସ୍ଥ ତୋଟା ସାହିର ରମେଶ ବେହେରା (୫୫) ଶେରଗଡ଼ ବଜାର ନିକଟରେ ଥିବା ହାଟବନ୍ଧ ପୁଷ୍କରିଣୀକୁ ଆଜି ସକାଳେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ତାଙ୍କ ଗୋଡ ଖସିଯିବା ଫଳରେ ସେ ଗଭୀର ପାଣିରେ ବୁଡି ଯାଇ ବାହାରି ପାରିନଥିଲେ । କିଛି ସମୟ ପରେ ସ୍ଥାନୀୟ ଲୋକ ପହଂଚି ରମେଶ ପାଣିରେ ଭାସୁଥିବାର ଦେଖି ଉଦ୍ଧାର କରିଥିଲେ । ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଶେରଗଡ଼ ଥାନା ପୋଲିସ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ସୂଚନା ମିଳିଛି ।

# ବଲାଙ୍ଗିରରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ବଲାଙ୍ଗିର, ୩୦/୦୪ (ନି.ପ୍ର): କେବଳ ଗୃହପାଳିତ ପ୍ରାଣୀମାନଙ୍କ ସେବା ନୁହେଁ, ବରଂ ସବୁ ପ୍ରାଣୀମାନଙ୍କୁ ଆଦର, ଯତ୍ନ ଓ ସେବା କରିବା ମଣିଷର କର୍ତବ୍ୟ ହେବା ଉଚିତ। କାରଣ ମଣିଷର ଜୀବସତା ନିର୍ଭର କରେ ପରିବେଶର ସନ୍ତୁଳନ ଉପରେ ଏବଂ ପରିବେଶ ସନ୍ତୁଳନ ବଜାୟ ରହିବ ପ୍ରାଣୀ ସଂପଦର ସୁପରିଚାଳନାରେ। ତେଣୁ ସବୁ ପ୍ରାଣୀଙ୍କୁ ଆମେ ସମାନ ଭାବରେ ସେବା କରିବା ଦରକାର ବୋଲି ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ଦ୍ୱାରା ଆୟୋଜିତ ବିଶ୍ୱ ପ୍ରାଣୀ ସଂପଦ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ। ଏହି କାର୍ଯ୍ୟକ୍ରମରେ ଡାକ୍ତର ଶିବାଶିଷ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ, ମୁଖ୍ୟ ଅତିଥି, ବଲାଙ୍ଗିର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଗଣେଶ କୁମାର ଜେନା, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଆଲୋକ କୁମାର ନାଏକ, ବିକେଏନ୍ ମିଲ୍କ ୟୁନିଅନର ସାଧାରଣ ପରିଚାଳକ ଡାକ୍ତର ରଜନୀକାନ୍ତ ରଥ ମଂଚାସୀନ ହୋଇଥିଲେ। ଏହି ଅବସରରେ ପ୍ରାଣୀପାଳକଙ୍କ ହିତରେ ରୂପାନ୍ତରିତ, ନିରପେକ୍ଷ ଓ ବିସ୍ତୃତ ପ୍ରାଣୀ ଚିକିତ୍ସା ସେବା ସଂପର୍କରେ ଆଲୋଚନା କରାଯାଇଥିଲା। ଡାକ୍ତର ଅର୍ଚ୍ଚିତା ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରାଣୀ ସଂପଦର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଗୀତା ଡବ୍ଲୁଏସଏଚଜି, କେଶାଇପାଲି, ଆଗଲପୁର, ମା ଦୁର୍ଗା ଡବ୍ଲୁଏସଏଚଜି, କନକପୁର, ମା ସରସ୍ୱତୀ ଡବ୍ଲୁଏସଏଚଜି, ବନ୍ଧଲିପଡା, ଲୋଇସିଂହା ସମେତ ଅଗ୍ରଣୀ ଚାଷୀ ଅନୀଲ ମେହେର, ପାଟଣାଗଡ, ଗୋକୁଳ ବେମାଲ, ହଲନଭଟା, ସରୋଜ କୁମାର କର୍ମୀ, ସାରସପଡା ହମିର ତାଣ୍ଡି, ସାରସପଡା, ଖଗେଶ୍ୱର ନାଏକ, ତାଲଝରନ, ସୁଦାମ ମେହେର, ରେଙ୍ଗାଲି, ରଂଜିତବିଶ୍ୱାସ ଝରନିପାଲି ଓ ଜିତେନ କଲେତ, ପିପିର୍ଡାଙ୍କୁ ସମ୍ମାନିତ କରାଯାଇଥିଲା।

# ବିଶ୍ୱ ପ୍ରାଣୀ ଦିବସ: କ୍ଷୀର ୩ ଗୁଣ ଏବଂ ମାଂସ ଉତ୍ପାଦନ ୬ ଗୁଣ ବଢ଼ିଛି



ଭୁବନେଶ୍ୱର , ୩୦/୦୪ (ନି.ପ୍ର): ଦୁଇ ଦଶନ୍ଧିରେ ରାଜ୍ୟରେ କ୍ଷୀର, ଅଣ୍ଡା ଉତ୍ପାଦନ ୩ ଗୁଣ ଲେଖାଏ ଏବଂ ମାଂସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇଛି। କ୍ଷୀର ଉତ୍ପାଦନ ୨୦୦୦ ମସିହାର ୮.୭୫ ଲକ୍ଷ ମେଟ୍ରିକ ଟନରୁ ୨୦୨୧ରେ ୨୩.୭୩ ଲକ୍ଷ ମେଟ୍ରିକ ଟନ୍‌ରେ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ସମୟ ମଧ୍ୟରେ ମାଂସ ୩୮.୩୮ ହଜାର ମେଟ୍ରିକ ଟନରୁ ୨୧୩.୦୯ ହଜାର ମେଟ୍ରିକ ଟନ, ଅଣ୍ଡା ୭୩୦୧.୦୪ ଲକ୍ଷରୁ ୨୪୨୪୨.୬୭ ଲକ୍ଷରେ ପହଞ୍ଚିଛି। ବିଶ୍ୱ ପ୍ରାଣୀ ଦିବସ ଅବସରରେ ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏଥିରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୫୪୧ ପ୍ରାଣୀ ଚିକିତ୍ସାଳୟ, ୩୨୩୯ ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ମାଧ୍ୟମରେ କୃଷକ, ଉଦ୍ୟୋଗୀ ଏବଂ ପ୍ରାଣୀ ପାଳକମାନଙ୍କୁ ପ୍ରାଣୀ ସ୍ୱାସ୍ଥ୍ୟସେବା, ପ୍ରଜନନ ଏବଂ ପରାମର୍ଶ ସେବା ଯୋଗାଇ ଦିଆଯାଉଛି। ରାଜ୍ୟରେ ୩୧୪ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ ମାଧ୍ୟମରେ ଚାଷୀଙ୍କ ଦ୍ୱାରଦେଶରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ରକ୍ତ, ମୂତ୍ର ଆଦି ନମୁନା ପରୀକ୍ଷଣ ମାଧ୍ୟମରେ ରୋଗ ନିୟନ୍ତ୍ରଣ ପାଇଁ ରାଜ୍ୟ, ଆଞ୍ଚଳିକ ଏବଂ ଜିଲ୍ଲାସ୍ତରରେ ରୋଗ ନିରୂପଣ ପରୀକ୍ଷାଗାର କାର୍ଯ୍ୟ କରୁଛି। ଏହି ଅବସରରେ ରାଜ୍ୟସ୍ତରରେ ଭୁବନେଶ୍ୱରର ଷ୍ଟିୱାର୍ଟ ସ୍କୁଲ ଛକରୁ ଭେଟେରିନାରି କଲେଜ ଫାଟକ ପର୍ଯ୍ୟନ୍ତ ରାଲି ହୋଇଥିଲା। ଏଥିରେ ପ୍ରାଣୀ ଚିକିତ୍ସା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏନସିସି ତରଫରୁ ଘୋଡ଼ା ସବାରମାନେ ଶୋଭାଯାତ୍ରା ଆଗରେ ଚାଲିଥିଲେ। ଏହାପରେ ଭେଟେରିନାରି କଲେଜ ପଡ଼ିଆରେ ଗୃହପାଳିତ ପ୍ରାଣୀ ସୋ' ଆୟୋଜିତ ହୋଇଥିଲା। ଏଥିରେ ବିଏମ୍‌ସି ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ଜେନା, ମତ୍ସ୍ୟ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ ବଶିଷ୍ଠ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଓୟୁଏଟି କୁଳପତି ପ୍ରଭାତ ରାଉଳ, ଭେଟେରିନାରି କଲେଜ ଡିନ୍, ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ, ମାମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଶନିଶ୍ଚର ମହାଯଜ୍ଞ

ଧର୍ମଶାଳା, ୩୦/୦୪ (ନି.ପ୍ର): ଗ୍ରହରାଜ ଶନିଦେବଙ୍କ ପବିତ୍ର ଶନିଓଷା। ଫଳରେ ବିଭିନ୍ନ ସ୍ଥାନରେ ଶନି ମନ୍ଦିରମାନଙ୍କରେ ଏକଦିବସୀୟ ଶନିଶ୍ଚର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲାର ବିଭିନ୍ନ ଅଂଚଳରେ ଶନିଓଷା ମହାସମାରୋହରେ ପାଳିତ ହୋଇଯାଇଛି । ଜିଲାର ଧର୍ମଶାଳା,ବଡଚଣା ଓ ରସୁଲପୁର ବ୍ଲକର ବିଭିନ୍ନ ପଂଚାୟତରେ ହଜାରହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ବାସୁଦେବପୁର, ଅଚ୍ୟୁତପୁର, ବଡଚଣା ବ୍ଲକ ଛତିଆ ଓ ତାଲୁଆ ଓ ରସୁଲପୁର ବ୍ଲକ ମଙ୍ଗରାଜପୁର ଓ ବ୍ରହ୍ମବରଦାଠାରେ ଶନିଶ୍ଚର ମହାଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସମସ୍ତ ମନ୍ଦିରମାନଙ୍କରେ ଆଜି ପ୍ରାତଃ ସମୟରୁ ସମସ୍ତ ଶନିପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହିତ ହୋମଯଜ୍ଞ ଅନୁଷ୍ଠିତ ହାଇଥିଲା । ଗ୍ରହରାଜଙ୍କ ନିକଟରେ ଶହଶହ ଶ୍ରଦ୍ଧାଳୁ ଜଳାଭିଷେକ କରିବା ସହ ଦର୍ଶନ କରି ବିଭୁକୃପା ଲାଭ କରିଛନ୍ତି । ଭକ୍ତମାନେ ନିକଟସ୍ଥ ନଦୀ ଓ ପୋଖରୀରୁ ପାଣି ଆଣି ଜଳାଭିଷେକ କରୁଥିବା ଦେଖିବାକୁ ମିଳିଥିଲା । ଜଳାଭିଷେକ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି । ଭକ୍ତମାନଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି ପାଣି ବଂଟନ କରାଯାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ଓ ଧର୍ମଶାଳା ଥାନା,ବଡଚଣା ଥାନା, ବାଲିଚନ୍ଦ୍ରପୁର ଥାନା ଓ ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ରସାୟନ ବିଜ୍ଞାନ ବିଭାଗେର ବିଦାୟ ସମ୍ବର୍ଦ୍ଧନା



ବାରିପଦା,୩୦/୪(ନିପ୍ର) ବାରିପଦା ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗେର ଶେଷ ବର୍ଷ ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଭାଗୀୟ ମୁଖ୍ୟ ଡକ୍ଟର ବିଘ୍ନଂକ୍ଷଶୁ କୁମାର ଜେନା ବିଦାୟ ସଭାରେ ସଭାପତିତ୍ୱ କରି ଜୀବନେର ସଫଳତା ଓ ଖୁସିରେ ରହିବା ଉଭୟକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ସହକାରୀ ପ୍ରେଫସର ଡକ୍ଟର ସେରାଜ ନାୟକ ସମେସ୍ତ ନିଜ ନିଜ ସ୍ୱପ୍ନକୁ ନିରବଛିନ୍ନ ଭାବେ ଅନୁସରଣ କେଲ ସଫଳତା ମିଳିବା ସହଜ ହୋଇଥାଏ ବୋଲି ମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟେର ଅଧ୍ୟାପକ ରବିଶଙ୍କର ପ୍ରଧାନ, ଚନ୍ଦନ କୁମାର ନନ୍ଦ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶ୍ରଦ୍ଧାଶ୍ରୀ ପ୍ରହରାଜ ଓ ଲିପ୍ସା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସମସ୍ତ ଶେଷ ବର୍ଷର ଛାତ୍ରୀ ମାନେ ନିଜର ସ୍ମୃତି ରମନ୍ଥନ କରିଥିଲେ । ଛାତ୍ରୀ ହିରଣ୍ମୟୀ ସିଂ ଧନ୍ୟବାଦ ଅପର୍ଣ ଅପର୍ଣ କରିଥିଲେ । ଶେଷ ରେ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ପୂଜ୍ୟ ପୂଜା ସହିତ ସମ୍ବର୍ଦ୍ଧନା ସମାରୋହ



ଖଇରା,୩୦/୪(ନିପ୍ର) ଖଇରା ବ୍ଲକ ନୟାଖଣ୍ଡି ଗ୍ରାମପଞ୍ଚାୟତ ସୁନ୍ଦରପୁରସ୍ଥିତ ନିଳସୁନ୍ଦର ଜୀଉ ଓ ନବ କିଶୋର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଦିନ ପୁରାତନ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ଆରମ୍ଭ ଦିନରୁ ଶିକ୍ଷାଦାନ ପରେ ଅବସରଗ୍ରହଣ କରିଥିବା ଶିକ୍ଷୟତ୍ରୀ ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା ସହ ସେମାନଙ୍କ ମଧ୍ୟରୁ ଦେହାନ୍ତ ହୋଇଥିବା ଗୁରୁ ମାନଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରଥମେ ପ୍ରାକ୍ତନ ଗୁରୁଜୀ ମାନଙ୍କ ଦ୍ୱାରା ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଅବସରଗ୍ରହଣ କରିଥିବା ଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର, ଇନ୍ଦ୍ରମଣି ରାଉତ, ବିନୋଦ କୁମାର ମହାପାତ୍ର, ନିରଞ୍ଜନ ମହାନ୍ତି, ରବିନ୍ଦ୍ର ଯେନା, ଅନାଦି ସାହୁ,ପ୍ରମୋଦ ସାହୁ, ସୁରେନ୍ଦ୍ର ରାଉତ, ହରିହର ଜେନା, ମଣିକିଙ୍କର ଖିଲାର, ଘନଶ୍ୟାମ ପଣ୍ଡା, କାହ୍ନୁଚରଣ ଗିରି, ମଙ୍ଗରାଜ ନାୟକ, ସମ୍ଭୁନାଥ ବେହେରା,ବିଷ୍ଣୁ ବହଳି, ଚକ୍ରଧର ମହାନ୍ତି,ଦିନବନ୍ଧୁ ରାଉତ, ଚନ୍ଦ୍ରକାନ୍ତ ଶତପଥି, ଲକ୍ଷ୍ମୀଧର ମିଶ୍ର,ରଘୁନାଥ ମହାନ୍ତି,ହରେକୃଷ୍ଣ ବିଶ୍ୱାଳ,ଯୁଧିଷ୍ଠିର ମହାନ୍ତି,ପ୍ରଫୁଲ୍ଲ ସାମଲ, ମୋହନ ଜେନା, ଗଜେନ୍ଦ୍ର ରାୟ, ପିତାମ୍ବର ନାୟକ,ଗୋଲକ ପ୍ରସାଦ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ୧୯୬୨ମସିହାରୁ ଏମ୍‌ଇ ଓ ୧୯୭୬ମସିହାରୁ ହାଇସ୍କୁଲ ରେ ପଢିଥିବା ପୁରାତନ ଛାତ୍ରୀଛାତ୍ର ମାନେ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଗୁଇନ୍ଦା ବିଭାଗ ଚିଠିକୁ ନେଇ...

କେତେ ସଦସ୍ୟ କେତେ ବାଇକ୍ ରାଲିରେ ଭାଗ ନେବେ ଚିଠିରେ ସବୁ ସୂଚନା ଦେଇଥିଲେ ଗୁଇନ୍ଦା ଏସପି । କେଉଁ ରୁଟ୍ ଦେଇ ବାଇକ୍ ରାଲି ଯିବ, କାହିଁକି ଗୋଷ୍ଠୀ ସଂଘର୍ଷ, ହିଂସାକାଣ୍ଡ ଘଟିବା ସମ୍ଭାବନା ରହିଛି ତାହା ମଧ୍ୟ ଚିଠିରେ ଉଲ୍ଲେଖ ରହିଥିଲା । ତେଣୁ ଆଗୁଆ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲା ଗୁଇନ୍ଦା ବିଭାଗ । ଏ ସଂପର୍କରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆଇନ ଶୃଙ୍ଖଳା ଏଡିଜି, ଉତ୍ତରାଂଚଳ ଆଇଜି, ସମ୍ବଲପୁର ସ୍ପେଶାଲ୍ ବ୍ରାଂଚ ଜୋନାଲ୍ ଡିଏସପିଙ୍କୁ ଅବଗତ କରାଯାଇଥିଲା । ଏଠି ପ୍ରଶ୍ନ ଉଠୁଛି – ଗୁଇନ୍ଦା ବିଭାଗ ଆଗୁଆ ସତର୍କ କରିବା ପରେ କାହିଁକି ହିଂସା ରୋକିବାରେ ଅସମର୍ଥ ହେଲା ପୁଲିସ ପ୍ରଶାସନ? ଗୁଇନ୍ଦା ବିଭାଗର ଚିଠିକୁ ହାଲୁକା ଭାବେ ନେଇଥିଲେ କି ଜିଲ୍ଲା ଅଧିକାରୀ?

### ମନ୍ କି ବାତ୍ ଦେଶ ଓ ଦେଶବାସୀଙ୍କ...

ଜନଜାତି ସଂପ୍ରଦାୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଅନେକ କାର୍ଯ୍ୟକ୍ରମ ଓ ଯୋଜନା ଆରମ୍ଭ କରିଛନ୍ତି କହି ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଦିବସକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯିବା ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ପରିଚୟ । ଜନଜାତି ସଂପ୍ରଦାୟ ମଧ୍ୟରୁ ଅନେକଙ୍କୁ ସମ୍ମାନଜନକ ପଦ୍ମ ପୁରସ୍କାରରେ ଅଳଙ୍କୃତ କରାଯିବା ଫଳରେ ଜନଜାତି ସମୁଦାୟଙ୍କ ଗୌରବ ବୃଦ୍ଧି ହୋଇଛି ଏବଂ ଜନଜାତିଙ୍କ ସାମଗ୍ରିକ ବିକାଶ ସରକାରଙ୍କ ଲକ୍ଷ୍ୟ ଓ ପ୍ରୟାସ ବୋଲି ରାଜ୍ୟପାଳ କହିଥିଲେ । ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍' ଜରିଆରେ ବସୁଧୈବ କୁଟୁମ୍ବକମ୍ ଆଧାରରେ ଭାରତୀୟ ଭାବେ ଆମେ ସମସ୍ତଙ୍କୁ ଭଲ ପାଇବା, ଆମେ ଗୋଟିଏ ପରିବାର ଓ ଭାରତୀୟ ସଂସ୍କୃତି ଓ ପରମ୍ପରାର ମହକରେ ସମସ୍ତଙ୍କ ହୃଦୟକୁ ଜିତିବା ବୋଲି ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଜନଭାଗୀଦାରି ମଧ୍ୟରେ ରାଷ୍ଟ୍ରଗଠନ 'ମନ୍ କି ବାତ୍' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିବା ସହ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ଅବଦାନରେ ନୂତନ ଭାରତ ଗଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ସମସ୍ତେ ଅନୁପାଳନ କରିବାକୁ ରାଜ୍ୟପାଳ କହିଥିଲେ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭରେ ପିଆଇବି ଓ ସିବିସି, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ଉପମହାନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ରିଜ୍‌ୱାନା ଅଖତାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ମଧ୍ୟରେ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ସ୍ଥାନ ପାଇଥିବା ରାଜ୍ୟର କୁନି ଦେହୁରୀ, ଅମରେଶ ସାମନ୍ତ, ରାହୁଲ ମହାରଣା ଓ ବିଜୟ କୁମାର କବି ନିଜର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା । ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଏହି ଉପଲକ୍ଷେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ରାଜ୍ୟପାଳ ଉଦ୍ ଘାଟନ କରିବା ସହ କାର୍ଯ୍ୟକ୍ରମ ପରେ ନିମନ୍ତ୍ରିତ ଅତିଥିମାନଙ୍କ ସହ ଭାବବିନିମୟ କରିଥିଲେ ।

## ନୃତ୍ୟ ସଙ୍ଗୀତ କଳା ମନ୍ଦିରରେ 'ବିଶ୍ୱ ନୃତ୍ୟ ଦିବସ'




ବାଲେଶ୍ୱର,୩୦।୪(ନି.ପ୍ର): ସ୍ଥାନୀୟ 'ନୃତ୍ୟ ସଙ୍ଗୀତ କଳାମନ୍ଦିର' ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ଟାଉନହଲ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାନବର ମାନସିକ ଶାନ୍ତି ଓ ଆତ୍ମସନ୍ତୋଷ ତଥା ମନୋରଞ୍ଜନ ପାଇଁ ନୃତ୍ୟ ଓ ସଙ୍ଗୀତ ମହୌଷଧୀ ଭଳି କାର୍ଯ କରିଥାଏ ବୋଲି ସେ କହିଥିଲେ। ରେବତୀ ପତ୍ରିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା ଏଥିରେ ପୌରହିତ୍ୱ କରିଥିଲେ। ନୃତ୍ୟାନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଏଥରେ ମଂଚାସୀନ ହୋଇ ନୃତ୍ୟ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ପୁରାତନ ନୃତ୍ୟାଙ୍ଗନା ସୁଦୀପ୍ତା ମହାନ୍ତି ଏଥିରେ ବିଶ୍ୱ ନୃତ୍ୟ ଦିବସର ବାର୍ତ୍ତା ପାଠ କରିଥିଲେ। ସୁଶ୍ରୀ ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏହି ଅବସରରେ ନୃତ୍ୟ ସଙ୍ଗୀତ କଳାମନ୍ଦିରର ପୂରାତନ ଛାତ୍ରୀ ପ୍ରେମଲତା ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ନୃତ୍ୟ ସଙ୍ଗୀ କଳାମନ୍ଦିରର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶରତ ଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ ଓ ଅନନ୍ତ କୁମାର ଚାନ୍ଦଙ୍କ ସମେତ ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଆଜିଠୁ ପଛୁଆବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସର୍ଭେ

ଭୁବନେଶ୍ୱର, ୩୦/୦୪ : ସାମାଜିକ ଓ ଶିକ୍ଷାଗତ ସ୍ଥିତିକୁ ନେଇ ଆସନ୍ତାକାଲି (ସୋମବାର) ଠାରୁ ରାଜ୍ୟରେ ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସର୍ଭେ ଆରମ୍ଭ ହେବ। ମେ' ପହିଲାରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ ହେବ। ଏହାପରେ ମେ ୨୧ରୁ ୨୭ ଯାଏ ସ୍ପେଶାଲ ଡ୍ରାଇଭ କରାଯିବ। ଉଭୟ ଅନଲାଇନ ଓ ଅଫଲାଇନରେ ସଂଗୃହିତ ତଥ୍ୟକୁ ଡିଜିଟାଲ ଫର୍ମାଟରେ ରଖାଯିବ। ପରେ ଜୁନ୍ ୬ରେ ଡ୍ରାଫ୍ଟ ପବ୍ଲିକେସନ କରି ଆପତି ଅଭିଯୋଗ ଗ୍ରହଣ କରାଯିବ। ଜୁଲାଇ ୧୨ରେ ଚୂଡ଼ାନ୍ତ ତଥ୍ୟ ପ୍ରକାଶ ପାଇବ। ଏଥିଲାଗି ସବୁ ଜିଲ୍ଲାରେ ଟ୍ରେନରଙ୍କୁ ତାଲିମ ଦିଆଯାଇଛି । ସର୍ଭେରେ ମୁଖ୍ୟତଃ ଅଙ୍ଗନବାଡି କର୍ମୀ ଓ ଶିକ୍ଷକ ନିୟୋଜିତ ହେବେ। ସେହିପରି ଭୁବନେଶ୍ୱର ମହାନଗର ନିଗମରେ ମଧ୍ୟ କାଲିଠୁ ସର୍ଭେ ଆରମ୍ଭ ହେବ। ବିଏମସିରେ ମୋଟ ୧୦୧ଟି କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଥିବା ବେଳେ ୧୩୩ ଜଣ ଏନୁମୁରେଟର ଓ ୧୫ ଜଣ ସୁପରଭାଇଜର ନିୟୋଜିତ ରହିବେ।

### ଆମ ଜୀବନ ରେଖା : ମହାନଦୀର...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏହି ପ୍ରସଙ୍ଗରେ ଆମ ଦେଶର ତତ୍କାଳୀନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ପକ୍ଷରୁ ସଂସଦର କେନ୍ଦ୍ରୀୟ ହଲରେ ସମ୍ବୋଧନ କାଳରେ 'ମହାନଦୀ ସମେତ ଅନ୍ୟାନ୍ୟ ନଦୀ ଗୁଡ଼ିକୁ କିପରି ପ୍ରଦୂଷଣ ମୁକ୍ତ କରାଯାଇପାରିବ, ସେନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ' ବୋଲି ବକ୍ତବ୍ୟ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହା ଉପରେ କି ପଦକ୍ଷେପ ନିଆଗଲା, ସେ ବିଷୟରେ ନା ରାଜ୍ୟ ସରକାର, ନା କେନ୍ଦ୍ର ସରକାର, ଆବଶ୍ୟକ ପଦକ୍ଷେପ ଦୂରେ ଥାଉ, କେହି ଏ ବାବଦରେ ଚର୍ଚ୍ଚା ମଧ୍ୟ କଲେନାହିଁ।

ସୂଚନାରୁ ପ୍ରକାଶ, ଟ୍ରିବ୍ୟୁନାଲ ଟିମ୍ ଗସ୍ତ ସମୟରେ 'ମହାନଦୀର ଅଧିକାଂଶ ଜଳ ଓଡ଼ିଶାକୁ ଯାଉଥିବା ସତ୍ତ୍ୱେ ବିବାଦଟି ଟ୍ରିବ୍ୟୁନାଲକୁ ଯିବା କାରଣରୁ ଛତିଶଗଡ଼ର ଏକାଧିକ ପ୍ରକଳ୍ପ ଅଟକି ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ମନ୍ତବ୍ୟ ଓଡ଼ିଶାବାସୀଙ୍କ ପକ୍ଷରୁ ସାଧାରଣରେ ବିରୋଧ କରାଯାଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

ତେବେ ସେ ଯାହା ବା ହେଉ, ମହାନଦୀରେ ଛତିଶଗଡ଼ର ମନମାନି ଓ ନଦୀ ଜଳକୁ ଅବରୋଧ ଶୀର୍ଷକ ଉପୁଜୁଥିବା ବିଭିନ୍ନ କାରଣ, ଓ ସମସ୍ୟାକୁ ଯଦି ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳ ଓ ଜନପ୍ରତିନିଧି, ଶାସକ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଓ ଜନପ୍ରତିନିଧି, ଅନ୍ୟାନ୍ୟ ଦଳର ଜନପ୍ରତିନିଧି ଓ ଦଳୀୟ ନେତା, ବୁଦ୍ଧିଜୀବୀ, ପରବେଶପ୍ରେମୀ ଓଡ଼ିଶାର ଜୀବନ ରେଖା ସଦୃଶ ଆମ ମହାନଦୀ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଦୁର୍ଦ୍ଦଶା ଲାଗି ପ୍ରଭାବିତ ଓଡିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଟ୍ରିବ୍ୟୁନାଲ ପ୍ରତିନିଧି ଦଳଙ୍କୁ ଏହି ସରଜମିନ ଅନୁଧ୍ୟାନ କାଳରେ ଏକମତ ସ୍ୱର ଉତ୍ତୋଳନ କରିବାରେ ପରମ କର୍ତ୍ତବ୍ୟ ବୋଲି ବିଚାର କରନ୍ତି, ତେବେ ହୁଏତ ମହାନଦୀ ଓଡ଼ିଶାର କଲ୍ୟାଣ ହେବା ନିଃସନ୍ଦେହ।

ଅତି ବୃଷ୍ଟିପାତ ହେଲେ ମହାନଦୀରେ ବନ୍ୟା ହୋଇ ହାହାକାର ହେଉଛି, ବର୍ଷା ନହେଲେ ଏହାର ବକ୍ଷ ସୁଷ୍କ ମରୁଭୂମି ସଦୃଶ ହୋଇଯାଉଛି। ଛଳ ଛଳ ପ୍ରବାହିତ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟର ବେଆଇନ ବ୍ୟାରେଜ ଓ ଆନିକଟ ନିର୍ମାଣ ଓଡ଼ିଶାର ଜୀବନଜୀବିକା ଉପରେ ଗଭୀର ପ୍ରଭାବ ପକାଉଛି। ପରିବେଶ ପ୍ରଦୂଷଣ ସଚେତନତା ଅଭାବରୁ ମହାନଦୀ ଜଳ ଆଜି ପ୍ରଦୂଷିତ। ମହାନଦୀର ମରମକୁ ଆଜି ଆମେ ବୁଝି ମଧ୍ୟ ବୁଝି ପଦକ୍ଷେପ ନେବାରେ ଉଦାସୀନ କାହିଁକି ? ଆନ୍ତଃ ରାଜ୍ୟ ନଦୀ ଜଳ ବଣ୍ଟନ ଓ ପରିବେଶ ପ୍ରଦୂଷଣ ସଚେତନତା ଦିଗରେ ସହମତ ଆଣି ଆପୋଷ ବୁଝାମଣା କରିବାକୁ ଦଳମତ ନିର୍ବିଶେଷରେ ତଥା ସମସ୍ତ ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ଉଭୟ ପକ୍ଷରୁ ସବୁରି କଲ୍ୟାଣ ପାଇଁ ଆମକୁ ଏକତ୍ରିତ ଆଲୋଚନା କରିବାକୁ ପଡ଼ିବ। ଭାରତ ସରକାରଙ୍କ ପକ୍ଷରୁ ମହାନଦୀ ସୁରକ୍ଷା ପାଇଁ ନିରପେକ୍ଷ ସହଯୋଗ ଯୋଗାଇ ଦେବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ। ସମସ୍ତଙ୍କୁ ଭାରତବାସୀ ଭାବେ ସବୁରି କଲ୍ୟାଣ ପାଇଁ ଆମକୁ ଆମର ରାଜ୍ୟ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ଦିଗରେ ସର୍ବ ସମ୍ମତ ବୁଝାମଣା ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ। ମହାନଦୀ ଆମର ଗଙ୍ଗା ମାତା ସଦୃଶ । ଏହାର ମରମକୁ ବୁଝିଲେ ଏହାର ସୁରକ୍ଷା ହୋଇପାରିବ। ଏହାର ଅମୃତ ଜଳ ଭଣ୍ଡାର ବଣ୍ଟନରେ ସବୁରି ଜୀବନ ରକ୍ଷା ହେଉ। ଏପରି ଭାବ ଆସିଲେ ଆମ ଉଭୟ ପକ୍ଷଙ୍କ ମଧ୍ୟରେ ପାରସ୍ପରିକ ଆତ୍ମିକ ଉଦାରତା ପ୍ରକାଶ ହୋଇପାରିବା ନିଃସନ୍ଦେହ ଅଟେ।

ସ୍ତମ୍ଭକାର,ମା/ପୋ:-ନାଚୁଣୀ, ଜିଲ୍ଲା:- ଖୋର୍ଦ୍ଧା-୭୫୨୦୩୪
ଫୋନ୍:- ୬୩୭୦୪୯୫୯୪୪

## ସାନ୍ତାଳୀ ଭାଷା ସ୍ନାତକୋତ୍ତର ଖୋଲିବା ପାଇଁ ଦାବିପତ୍ର

ଲଙ୍ଗଳେଶ୍ୱର -୩୦ /୪ (ନି ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତ ଡିଗ୍ରୀ ପାହି ଗ୍ରାମର ଅଲ ଓଡିଶା ସାନ୍ତାଳୀ ଭାଷା ପି ଜି ଛାତ୍ର ସଂଗଠନ ଓ ବାରିପଦା ସଂଗଠନ ପକ୍ଷରୁ ସାନ୍ତାଳୀ ଭାଷା ସ୍ନାତକୋତ୍ତର ବିଷୟ ଖୋଲିବା ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଡ଼ଃ ସନ୍ତୋଷ କୁମାର ତ୍ରିପାଠୀ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହାବ୍ୟତୀତ ସାନ୍ତାଳୀ ଛାତ୍ରଛାତ୍ରୀ ମାନେ କିପରି ସୁବିଧା ଏବଂ ସହଜରେ ପଢିପାରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ ପିଏଚଡ଼ି ଖୋଲିବା ପାଇଁ ଅନୁରୋଧ କରିଥିଲେ।ପରେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅଧକ୍ଷ ଦିଲ୍ଲୀପ କୁମାର ଘୋଷ ଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ଶିକ୍ଷା ବର୍ଷରୁ ସାନ୍ତାଳୀ ସମ୍ମାନ ବିଷୟ ଖୋଲି ଥିବାରୁ ଅଧକ୍ଷ ଶ୍ରୀ ଘୋଷଙ୍କୁ ସଂଗଠନ ପକ୍ଷରୁ ସାଧୁବାଦ ଜଣାଇଥିଲେ।

## ୨୦୨୪ରେ ସନ୍ତୋଷ ଖଟୁଆ ବିଜେଡିର ପ୍ରାର୍ଥୀ
## ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଆଣିଲେ ନିର୍ବାଚିତ ପ୍ରତିନିଧି ଓ ତୃଣମୂଳନେତା




ନୀଳଗିରି - ୩୦/୪ (ନି.ପ୍ର) ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ଶାସକ ଦଳରୁ ବିଭିନ୍ନ ଆଶାୟୀ ପ୍ରାର୍ଥୀଙ୍କ ଗୁଞ୍ଜରଣକୁ ନୀଳଗିରିର ବିଜେଡି ନେତା ସନ୍ତୋଷ ଖଟୁଆ ଗୁଞ୍ଜରଣକୁ ପୂର୍ଣ୍ଣଛେଦ ପକାଇଛନ୍ତି। ୨୦୨୪ ପାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀରେ କେବଳ ସନ୍ତୋଷ ଖଟୁଆ ହିଁ ଶାସକ ବିଜେଡି ଦଳର ପ୍ରାର୍ଥୀ ବୋଲି ରବିବାର ଦିନ ପଂଚଲିଙ୍ଗେଶ୍ୱର ପାନ୍ଥନିବାସ ପରିସରରେ ଆୟୋଜିତ ପରିବର୍ଦ୍ଧିତ କାର୍ଯ୍ୟକରିଣୀ ବୈଠକରେ ନିର୍ବାଚନ ମଣ୍ଡଳୀରୁ ପ୍ରତି ପଂଚାୟତର ନିର୍ବାଚିତ ପ୍ରତିନିଧି ସହ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ନିଜ ନିଜର ପ୍ରସ୍ତାବ ଫର୍ଦ୍ଦ ଆଗତ କରିଥିଲେ । ବିଜେଡିର ପୁରୁଖା ନେତା ତଥା ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଶତାଧିକ ବିଜେଡି ନେତୃମଣ୍ଡଳୀ ସମେତ ବହୁ ପଂଚାୟତ ନିର୍ବାଚିତ ପ୍ରତିନିଧି , ଏନ.ଏ.ସି.ର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ରହି ୨୦୨୪ରେ ସନ୍ତୋଷ ଖଟୁଆ ହିଁ ଆମର ନେତା ବୋଲି ନିଜ ନିଜ ପ୍ରସ୍ତାବ ଫର୍ଦ୍ଦରେ ଆଗତ କରିଥିଲେ। ୨୦୧୯ ନିର୍ବାଚନରେ ବିଜେଡିର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଦଳୀୟ ଟିକଟ ନ ମିଳିବା ଭୟରେ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେବେ ଠାରୁ ସନ୍ତୋଷ ଖଟୁଆଙ୍କ ଉପରେ ଦଳ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ନ୍ୟସ୍ତ କରିଆସୁଥିବା ବେଳେ ସନ୍ତୋଷ ଖଟୁଆ ମଧ ଦଳର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଦଳ ପାଇଁଜୀବନକୁ ପାଣି ଲଗାଇ କାର୍ଯ୍ୟ କରୁଥିବା ବେଳେ ଉଡ଼ନ୍ତା ଚଢ଼େଇଙ୍କୁ ନୀଳଗିରିରେ ସ୍ଥାନ ନାହିଁ ବୋଲି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଗତିକୃଷ୍ଣ ନନ୍ଦ, ସୁରେଶ ଶଂଖୁଆ, ଶିଶିର ରାଉତ, ଶୁଭଲକ୍ଷ୍ମୀ ମାଝୀ, ବିସିପିଷ୍ଠା ପାତ୍ର, ବିଶ୍ୱନାଥ ମିଶ୍ର, ରବିନ୍ଦ୍ର ପରିଡ଼ା, କୃତିବାସ ବେହେରା, ଅଶୋକ ପ୍ରଧାନ, ରବିନ୍ଦ୍ର ନାୟକ, ଶୁଭେନ୍ଦୁ ଜେନା, ମନୋରଂଜନ ମହାନ୍ତି, ରଂଜିତା ସିଂ, ରବି ସିଂ, ସୁବର୍ଣ୍ଣମଂଜରୀ ସିଂ, ମୁନୀ ସିଂ, ମହେନ୍ଦ୍ର ବେହେରା, ଧୀରେନ୍ଦ୍ର ଲେଙ୍କା, ନୀଳାମ୍ବର ମହାଳିକ, ଅଲେଖ ଦାସ,କାର୍ତିକେଶ୍ୱର ପଣ୍ଡା, ଶୁଭେନ୍ଦୁ ସ୍ୱାଇଁ, ନିତ୍ୟାନନ୍ଦ ମୁଦୁଲି, ସୁଦର୍ଶନ ରାଉତ, ତାପସ ପରିଡ଼ା, ଜୟନ୍ତ ବିନ୍ଧାଣୀ, ଉର୍ମିଳା ପରିଡ଼ା, ଶଶିକାନ୍ତ ଦାସ, ବିଶ୍ୱନାଥ ମିଶ୍ର,ସଂଜୀବ ସିଂ ସମେତ ବହୁ ପି.ଆର.ଓ. ମେମ୍ବର ଓ ବିଜେଡି ନେତୃମଣ୍ଡଳୀ ପ୍ରସ୍ତାବ ଆଗତ କରିଥିଲେ।

## ଆଜିଠୁ ବଢିବ ଛେନା, ପନିର ଓ ଦୁଗ୍ଧଜାତ ସାମଗ୍ରୀର ଦର

ଭୁବନେଶ୍ୱର, ୩୦/୦୪ : ଆସନ୍ତାକାଲି ଅର୍ଥାତ୍ ମେ ପହିଲାରୁ ଛେନା ପନିର ସମେତ ଅନ୍ୟାନ୍ୟ ଦୁଗ୍ଧ ଜାତ ଦ୍ରବ୍ୟର ଦର ବଢିବ। କ୍ଷୀର ଦର ବୃଦ୍ଧି ପାଇଥିବାରୁ ଦୁଗ୍ଧଜାତ ଦ୍ରବ୍ୟର ଦର ବୃଦ୍ଧି କରିବାକୁ ବ୍ୟବସାୟୀ ସଂଘ ନିଷ୍ପତି ନେଇଛି। ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସୂଚନା ଅନୁଯାୟୀ ଛେନା କେଜି ପ୍ରତି ୨୦ ଟଙ୍କା ଏବଂ ପନିର କେଜି ପ୍ରତି ୩୦ ଟଙ୍କା ବୃଦ୍ଧି ପାଇବ। ପୁନଃ ନିର୍ଦ୍ଧାରିତ ଦର କ୍ରମେ ଛେନାର କେଜି ପ୍ରତି ୧୮୦ ଟଙ୍କାରୁ ୨୦୦ ଟଙ୍କା ଏବଂ ପନିର କେଜି ପ୍ରତି ୨୨୦ ଟଙ୍କାରୁ ୨୫୦ ଟଙ୍କାକୁ ବୃଦ୍ଧି ହେବ। ମଇ ମାସ ୧ ତାରିଖ ଠାରୁ ନୂତନ ଦର ଲାଗୁ କରାଯିବ।

## ଚୋରା ଚାଲାଣ ବେଳେ ବଜରଙ୍ଗ ଦଳ ଦ୍ୱାରା ୧୦ ଗୋରୁ ଉଦ୍ଧାର

ବସ୍ତା,୩୦।୪(ନିପ୍ର) :ଗୋରୁ ଚୋରା ଚାଲାଣ ବେଳେ ବଜରଙ୍ଗ ଦଳର ସଦସ୍ୟ ମାନଙ୍କ ଦ୍ୱାରା ୧୦ ଗୋରୁ ଉଦ୍ଧାର ହୋଇଛି। ସୁଚନା ଅନୁଯାୟୀ ୬୦ ନଂ ଜାତୀୟ ରାଜପଥ ଦେଇ ପ୍ରତ୍ୟେକ ଦିନ ଶହ ଶହ ଗୋରୁ ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଛି । ତେବେ ବିଭିନ୍ନ ସ୍ଥାନରେ ବଜରଙ୍ଗ ଦଳ ପକ୍ଷରୁ ଏହାକୁ ବିରୋଧ କରା ଯାଉଥିବାରୁ ଗୋରୁ ଦଲାଲ ମାନେ ନୂଆ ଉପାୟ ଆପଣାଇଛନ୍ତି । ଗୋରୁ ଚଲାଇ ଚଲାଇ ନେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନିୟମ ନଥିବାରୁ ଏହାର ସୁଯୋଗ ନେଇ ଗୋରୁ ମାନଙ୍କୁ ଚଲାଇ ଚଲାଇ ଓଡ଼ିଶା ସିମାନ୍ତ ଲକ୍ଷ୍ମଣନାଥ ଫାଟକ ଅତିକ୍ରମ କରି ସେଠାରୁ ଟ୍ରକ ଯୋଗେ ପଶ୍ଚିମବଙ୍ଗ ଅଞ୍ଚଳକୁ ଚାଲାଣ କରୁଛନ୍ତି ।ରବିବାର ଏହି ରାଜପଥର ନଳବାହାର ଠାରେ ୧୦ ଗୋରୁ ଚଲାଇ ଚଲାଇ ନେଉଥିବା ବେଳେ ବଜରଙ୍ଗ ଦଳର ସଦସ୍ୟ ମାନେ ସେହି ଗୋରୁ ମାଫିଆ ମାନଙ୍କ ଠାରୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣା ପଡିଛି। ବଜରଙ୍ଗ ଦଳର ସଦସ୍ୟ ରାମଚନ୍ଦ୍ର ଦାସ,ଅମିତ କୁମାର ଦାସ,ଅରୁଣ କୁମାର ଜେନା,ରାଜେଶ କୁମାର ଦାସ,ଜିତେନ୍ଦ୍ର ପରିଡା, ଚନ୍ଦନ ଦାସ, ଦୀପକ ପ୍ରଧାନ, ସାଗର ବେହେରା, ଚିନ୍ମୟ ମିର୍ଧା, ସମୀର ଜେନା, ଅମୀର ଜେନା, ରାମଚନ୍ଦ୍ର ଦାସ, ରାଜେଶ ଦାସ, ଚନ୍ଦନ ଦାସ, ସୁନୀଲ ବେହେରା, ରଜିତ ବାରିକ, ଈଶ୍ୱର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟର 'ମୋ କଲେଜ ଅଭିଯାନ'




ଭଦ୍ରକ, ୩୦/୦୪ : (ନି.ପ୍ର) ଗିଖ ରବିବାରଦିନ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କର 'ମୋ କଲେଜ୍ ଅଭିଯାନ' ବୈଠକ ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟରୁ ଅଧ୍ୟୟନପରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଦୁଇଶହରୁ ଅଧିକ ପୁରାତନ ଛାତ୍ରଛାତ୍ରୀମାନେ ଉକ୍ତ ସଭାରେ ଯୋଗଦାନ କରି ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନ ସେମାନଙ୍କର ମା' ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ସଭାର ପ୍ରାରମ୍ଭରେ ପଣ୍ଡିତ ମଧୁସୂଦନ ତ୍ରିପାଠୀ ବେଦପାଠ କରିଥିଲେ ଏବଂ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ସଂସଦର ସଂପାଦକ ପ୍ରଧାନଶିକ୍ଷକ ଦୈତ୍ୟାରୀ ଦୀକ୍ଷିତ ସଭାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ଶ୍ରୀ ମନୋଜ କୁମାର ଆଚାର୍ଯ୍ୟ, ଗୌରୀଶ୍ୟାମ ପରିଡ଼ା, ଦେବେନ୍ଦ୍ର ଉଦ୍‌ଗାତା, ଶଙ୍କର୍ଷଣ ଦାଶ, ପ୍ରଦୀପ କୁମାର ନାୟକ, ରମାକାନ୍ତ ଦୀକ୍ଷିତ, ରମେଶ କୁମାର ନାୟକ, ଅନୁରାଧା ଲାହା, ବିବେକାନନ୍ଦ ପଣ୍ଡା, ଶିଳନ୍ ପଣ୍ଡା, କାବେରୀ ପାତ୍ର, ଲୀଜାରାଣୀ ରାଉତ, ସଂଗ୍ରାମ କେଶରୀ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ଦାସ ଓ ସୁବାଷ ଚନ୍ଦ୍ର ମିଶ୍ର ପ୍ରଭୃତି ରାଜ୍ୟ ସରକାରଙ୍କର ଉକ୍ତ ଅଭିନବ କାର୍ଯ୍ୟକ୍ରମ ସେମାନଙ୍କୁ ଏକାଠି କରାଇଛି ବୋଲି ବର୍ଣ୍ଣନା କରିଥିଲେ। ଉକ୍ତ ସଭାକୁ ଆନୁଷ୍ଠାନିକ ଭାବେ ଡଃ ପ୍ରମୋଦ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ର ମୋ କଲେଜ ଅଭିଯାନର ଦିଗନ୍ତ ବିସ୍ତାରୀ ଲକ୍ଷ୍ୟ ପ୍ରସଂଗରେ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ପ୍ରତିନିଧି ଭାବେ ଶୁକଦେବ ପଣ୍ଡା ଓ ଗାୟତ୍ରୀ ମହାନ୍ତି ସେମାନଙ୍କ ମତ ରଖିଥିଲେ। ପରିଶେଷରେ ଗୌରୀଶ୍ୟାମ ପରିଡ଼ାଙ୍କ ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ ହୋଇଥିଲା।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବାଲେଶ୍ୱର,୩୦।୪(ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚର ସ୍ୱତନ୍ତ୍ର ବୈଠକ ଫକୀରମୋହନ ଗୋଲେଇ ସ୍ଥିତ ଜିଲା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପ-ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ବେହେରା ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ମଞ୍ଚର ୨୦୨୩ ବାର୍ଷିକ ମୁଖପତ୍ର 'ସାୟାହ୍ନ' ପ୍ରକାଶନରେ ଆଞ୍ଚଳିକ ଶାଖାଗୁଡ଼ିକର ସହଯୋଗ କାମନା କରିଥିଲେ। ବରିଷ୍ଠ ନାଗରିକଙ୍କ ମାସିକ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ପ୍ରତ୍ୟେକ ଜିଲାରେ ସରକାରଙ୍କ ତରଫରୁ ଅନ୍ୟୁନ ୨୦୦ ଅନ୍ତେବାସୀଙ୍କୁ ରହିବା ସକାଶେ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ଜିଲା ସଦର ମହକୁମାରେ ବରିଷ୍ଠ ନାଗରିକଙ୍କ ସାମୟିକ ବିଶ୍ରାମ ସକାଶେ ଏକ ସରକାରୀ ବାସଗୃହ ଯୋଗାଇଦେବା ଆଦି ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଦାମୋଦର ନାୟକ, ଲକ୍ଷ୍ମୀ ନାରାୟଣ ଘୋଷ, ଶ୍ୟାମସୁନ୍ଦର ଜେନା, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଡ. ପଦ୍ମଲୋଚନ ପାତ୍ର, ସୀତାରାମ ପ୍ରଧାନ, ଡ. କ୍ଷୀତିଶ୍ୱର ଦାଶ ଓ ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' ଶୁଣିଲେ ସଦର ନିର୍ବାଚନମଣ୍ଡଳୀର ଲୋକେ



ବାଲେଶ୍ୱର,୩୦।୪(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ତମ 'ମନ କି ବାତ' କାର୍ଯ୍ୟକ୍ରମ ସହ ଲୋକଙ୍କୁ ଯୋଡ଼ିବା ପାଇଁ ବିଜେପି ସଦର ଶାଖା ପକ୍ଷରୁ ମଙ୍ଗଳବାର ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସଦର ବିଜେପି ପକ୍ଷରୁ ସହରର ଆତିଥ୍ୟ ଭବନରେ ୧୦୦ ତମ 'ମନ କି ବାତ' କାର୍ଯ୍ୟକ୍ରମର ସିଧାପ୍ରସାରଣ ଆୟୋଜିତ ହୋଇଥିଲା। ମନ କି ବାତ କାର୍ଯ୍ୟକ୍ରମର ସଦର ସଂଯୋଜକ ରାଜେନ୍ଦ୍ର ଚାଟାର୍ଜୀ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୂତପୂର୍ବ ସୈନିକ, ସହରର ପ୍ରତିଷ୍ଠିତ ବ୍ୟକ୍ତି, ବ୍ୟବସାୟୀ, ଜନସାଧାରଣଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ମନ କି ବାତକୁ ଶୁଣିଥିଲେ। ଅନୁରୂପ ଭାବେ ସଦର ନିର୍ବାଚନମଣ୍ଡଳୀର ୨୬ ଗୋଟି ପଞ୍ଚାୟତ, ମ୍ୟୁନିସିପାଲଟିର ବିଭିନ୍ନ ୱାର୍ଡ ଏବଂ ବୁଥ ସ୍ତରରେ ଏହି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଥିଲା। ୩ ଅକ୍ଟୋବର ୨୦୧୪ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦେଶର ସବୁଠୁ ଲୋକପ୍ରିୟ ହୋଇପାରିଛି ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି। ରାଷ୍ଟ୍ର ନିର୍ମାଣରେ ସାଧାରଣ ନାଗରିକଙ୍କ ଯୋଗଦାନକୁ ଦେଶବାସୀଙ୍କ ସମ୍ମୁଖକୁ ଆଣିବାରେ ପ୍ରଧାନମନ୍ତ୍ରୀଙ୍କ ଏହି ମନ କି ବାତ କାର୍ଯ୍ୟକ୍ରମ ବେଶ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିବା ସଦର ନିର୍ବାଚନମଣ୍ଡଳୀର ସାଧାରଣ ଲୋକଙ୍କୁ ଶ୍ରୀ ଦତ୍ତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରମାକାନ୍ତ ବେହେରା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଗଙ୍ଗାଧର ରାଉତ, ସୁଜିତ ଦେବ, ଭୁତପୂର୍ବ ସୈନିକ ଡମ୍ବରୁଧର ରାଉତ, ମହାବୀର ପ୍ରସାଦ ଦତ୍ତ, ମିହିର ବାରିକ, ବୈଲୋଚନ ଦାଶ, ଲକ୍ଷ୍ମୀଧର ବେହେରା, ହରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଶତପଥୀ, କାଉନସିଲର ପ୍ରତିମା ବେହେରା, ସସ୍ମିତା ନାଥ, ରୋଜାଲିନ ପାଣି, ବିଜୟ ପାଣିଗ୍ରାହୀ, ଦୁକୁଲ ଘୋଡେଇ, କାର୍ତ୍ତିକ ରାଉତଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଏଥିରେ ଉପସ୍ଥିତ ଥିଲେ। କାଉନସିଲର ସତ୍ୟଶିବ ସୁନ୍ଦର ଦାଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



ବାସୁଦେବପୁର : ସାହିତ୍ୟ ସଂସ୍କୃତି ପତ୍ରିକା 'ରଙ୍ଗରାଗ'ର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ହେବା ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ପୀତାମ୍ବର ଦାସ ଓ ବିଶିଷ୍ଟ ପ୍ରାବନ୍ଧିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ।

# ଭଦ୍ରକ ଚିନ୍ତନ ଚକ୍ରରେ ପ୍ରବନ୍ଧ ପାଠ ଆଲୋଚନା

ଭଦ୍ରକ,୩୦।୪(ନି.ପ୍ର): ପ୍ରତ୍ୟେକ ମାସ ପରି ଚଳିତ ମାସ ଶେଷ ଶନିବାର ଭଦ୍ରକ ଚିନ୍ତନ ଚକ୍ରର ୧୩୯ତମ ଆଲୋଚନା ସଭା ଭଦ୍ରକ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଅଧିବେଶନ ପ୍ରାରମ୍ଭରେ ଆବାହକ କ୍ଷୀରୋଦ ମିଶ୍ର ଗତ ମାସ ବୈଠକର ବିବରଣୀ ପାଠ କରିଥିଲେ। ଏହାପରେ "ସଂକଟରେ ପାରିବାରିକ ସମ୍ପର୍କ" ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ ମଦନ ମୋହନ ମହାକୁଡ଼। ସମାଜରେ ମାନବତାବାଦୀ ମୂଲ୍ୟବୋଧ, ନୈତିକତାର ଅଭାବ, କରୁଣାର ସ୍ରୋତ କ୍ଷୀଣ ହୋଇଯିବା ସାଙ୍ଗକୁ ବ୍ୟକ୍ତିର ଚୂଡାନ୍ତ ସ୍ୱାର୍ଥପରତା ଓ ଆତ୍ମ ସର୍ବସ୍ୱତା ଯୋଗୁଁ କିପରି ପାରିବାରିକ ସମ୍ପର୍କରେ ସଂକଟ ସୃଷ୍ଟି ହେଉଛି ନିଜ ପ୍ରବନ୍ଧରେ ଶ୍ରୀ ମହାକୁଡ଼ ବ୍ୟାଖ୍ୟା କରିଥିଲେ। ପ୍ରବନ୍ଧ ପାଠ ପରେ ଉପସ୍ଥିତ ବୁଦ୍ଧିଜୀବୀଙ୍କ ମଧ୍ୟରୁ ଲଲାଟେନ୍ଦୁ ମହାନ୍ତି, ପ୍ର. ଅଟଳ ବିହାରୀ ନାୟକ, ଅଧିବକ୍ତା ନିତ୍ୟାନନ୍ଦ ଦାସ, ରାଜକିଶୋର ସାହୁ, ଗଙ୍ଗାଧର ମଲ୍ଲିକ, ହରିଶ ଚନ୍ଦ୍ର ଦାସ, ମଧୁସୂଦନ ମହାପାତ୍ର, ବିଜୟ ସେନାପତି, ଗୟାଧର ପଣ୍ଡା, ଘନଶ୍ୟାମ ଲେଙ୍କା, ଅନାଦି ଦାସ, ରତିକାନ୍ତ ଦାସ, ରମାକାନ୍ତ ନାଥ, ଗୋଲକ ମଲ୍ଲିକ, ଗୀତାରାଣୀ ଆଇଚ ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ନୈତିକ ଶିକ୍ଷାର ପ୍ରଚଳନ ଓ ଉପଯୁକ୍ତ ସଂସ୍କାର ଆପଣେଇଲେ ପାରିବାରିକ ସମ୍ପର୍କ ନିବିଡ ହେବା ସହ ସ୍ୱର୍ଗୀୟ ହୋଇ ପାରିବ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ସଭା ପରିଚାଳନାରେ ସମ୍ବିତ ମିଶ୍ର ସହଯୋଗିତା କରିଥିବାବେଳେ, ସଭା ଶେଷରେ ରଞ୍ଜୀବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆରା ଢଙ୍ଗରେ ବିବାହବାର୍ଷିକୀ ପାଳନ କରି ସମାଜକୁ ଏକ ବାର୍ତ୍ତା ଦେଲେ ସୁମନ୍ତ !



ବସ୍ତା।୩୦।୪(ନିପ୍ର) ବସ୍ତାବ୍ଲକ କୁଡିଆ ପଞ୍ଚାୟତ ପେଗରପଡା ଗ୍ରାମର ଜେନା ଦମ୍ପତୀ ଆଜି ତାଙ୍କ ୧୮ତମ ବିବାହବାର୍ଷକୀରେ ବୃକ୍ଷରୋପଣ କରିବା ସହିତ ରକ୍ତଦାନକରି ସମସ୍ତଙ୍କପାଇଁ ଏକ ଉଦାହରଣ ପାଲଟିଛନ୍ତି ବୋଲି ସବୁ ମହଲରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟୁଛି । ପରିବେଶ ସୁରକ୍ଷା ବାର୍ତ୍ତା ଦେବା ସହିତ ଟୋପାଏ ରକ୍ତ କଣିକା ଜିବନ ବଞ୍ଚାଇ ପାରିବ ବୋଲି ଆଜିର ଏହି କାଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଜି ଯୁବ ସମାଜସେବୀ ସୁମନ୍ତ କୁମାର ଜେନା ଓ ସହଧର୍ମିଣୀ ସୁଲୋଚନା ଜେନା ଦୁହେଁ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଅପରାହ୍ନ ରେ ମଥାନୀ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱ ବାସନ୍ତୀ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମକରି ଥିଲା। । ବିଜେଡି ନେତା ମହାଦେବ ଦାସ, ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ମୁଖ୍ୟ ବିଜୟ ଜି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ବାଲେଶ୍ୱର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସଦସ୍ୟ କୁମୁଦ ରଞ୍ଜନ ଗିରି, ଆଇନଜୀବୀ ଅମର କୁମାର ପାଲ, ସମୟରଚକ୍ର ମାସିକ ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା, ସତ୍ୟଭାମା ଜେନା, ଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ଆମ୍ବଗାଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ଗଛମଣିଷ ବାଇନ ବେହେରା, ବୃକ୍ଷ ମଣିଷ ଅନ୍ତର୍ଯ୍ୟାମୀ ରାଉଳ, ଦେବେନ୍ଦ୍ର ଆଚାର୍ଯ୍ୟ, ଗୋପବନ୍ଧୁ ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ ,କାଦମ୍ବିନୀ ପ୍ରଧାନ,ମଞ୍ଜୁବତି ବିଶ୍ୱାଳସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମାଓବାଦୀଙ୍କ ତାଲିମ ଗୃହ ଏବେ ପାଲଟିଛି କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର

ମାଲକାନଗିରି,୩୦।୪(ନି.ପ୍ର): ମାଓବାଦୀଙ୍କ ତାଲିମ ଗୃହରେ କମ୍ପ୍ୟୁଟର ଶିଖିବେ ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ଆଦିବାସୀ ପିଲା । ସ୍ୱାଭିମାନ ଅଂଚଳର ଯୋଡାମ୍ବ ଠାରେ ମାଓବାଦୀଙ୍କ ଲାଲ ଘର ବା ତାଲିମ ରୁମରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯିବ । ସ୍ୱାଭିମାନ ଅଂଚଳରେ ଏଭଳି ପ୍ରୟାସ ଆରମ୍ଭ କରିଛି ମାଲକାନଗିରି ଜିଲ୍ଲା ପୁଲିସ । ସବୁଠୁ ବଡ କଥା ହେଉଛି, ଯେଉଁ କୋଠରୀରେ ଦିନେ ମାଓବାଦୀ ମେଳି ଓ ସହିଦ ସପ୍ତାହ ପାଳନ କରୁଥିଲେ, ସେହି କୋଠରୀରେ ଏବେ ଛାତ୍ରଛାତ୍ରୀ କମ୍ପ୍ୟୁଟର ପାଠ ପଢିବେ । ଯୋଡାମ୍ବ ଠାରେ ଥିବା ମାଓବାଦୀଙ୍କ ତାଲିମ ରୁମରେ ଏକ ନୂତନ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରକୁ ଗତକାଲି ଉଦଘାଟନ କରିଛନ୍ତି ଦକ୍ଷିଣାଚଂଳ ଡିଆଇଜି ରାଜେଶ ପଣ୍ଡିତ ଓ ମାଲକାନଗିରି ଏସପି । ଏହି କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ୫ଟି କମ୍ପ୍ୟୁଟର ଥିବା ବେଳେ ୩୦ ଜଣ ଛାତ୍ରଛାତ୍ରୀ ପ୍ରତିଦିନ ସକାଳେ ଆସି ଏଠାରେ କମ୍ପ୍ୟୁଟର ଶିଖିବେ ।

# ଖଇରା ଲିଗାଲ ଫୋରମ ଗଠିତ

## ହରେକୃଷ୍ଣ ସଭାପତି, ବେଣୁଧର ସାଧାରଣ ସମ୍ପାଦକ

ଖଇରା,୩୦।୪(ନି.ପ୍ର):ନିମ୍ନ ଅଦାଲତ ଠାରୁ ଆରମ୍ଭ କରି ଉଚ୍ଚ ଓ ଉଚ୍ଚତମ ନ୍ୟାୟାଳୟରେ କାର୍ଯରତ ଖଇରା ବ୍ଲକ ଜନ୍ମିତ ଆଇନଜବୀ ମାନଙ୍କର ଏକ ବୈଠକ ରବିବାର ଦିନ ବାଲେଶ୍ୱର ଜିଲା ଅଧୀନ ଖଇରା ସ୍ଥିତ ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ଆଇନଜୀବୀ ଭରତ ଚନ୍ଦ୍ର ପଣ୍ଡା ଏଥିରେ ପୌରହିତ୍ୟ କରିଥିଲେ । ଖଇରା ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିବାକୁ ସମସ୍ତ ଆଇନଜିବୀଙ୍କୁ ନେଇ "ଖଇରା ଲିଗାଲ ଫୋରମ" ନାମରେ ସଂଗଠନ ପ୍ରତିଷ୍ଠା ପାଇଁ ସର୍ବ ସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିରେ ଉଚ୍ଚ ନ୍ୟାୟାଳୟ ବିଚାରପତି ରତ୍ନାକର ଦାଶଙ୍କୁ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶଙ୍କୁ ସଭାପତି, ବେଣୁଧର ରାଉଳଙ୍କୁ ସାଧାରଣ ସମ୍ପାଦକ, ଗୋପାଳ ରାୟମହାପାତ୍ର, କାଶିନାଥ ମୁଦୁଲି, ରାମଚନ୍ଦ୍ର ଦାଶ, ଭରତ ଚନ୍ଦ୍ର ପଣ୍ଡା ଓ ଯୁଧିଷ୍ଠିର ନାୟକଙ୍କୁ ଉପସଭାପତି, ନିରଞ୍ଜନ ବେହେରାଙ୍କୁ ସମ୍ପାଦକ, ଉପେନ୍ଦ୍ର ଭୂୟାଁଙ୍କୁ ଯୁଗ୍ମ ସମ୍ପାଦକ, ଲମ୍ବୋଦର ନାୟକଙ୍କୁ ସଙ୍ଗଠନ ସମ୍ପାଦକ, ଲିଙ୍ଗରାଜ ମହାନ୍ତି ଓ ଶଶାଙ୍କ ଶେଖର ପଣ୍ଡାଙ୍କୁ ଯଥାକ୍ରମେ କୋଷାଧକ୍ଷ ଓ ସହକୋଷାଧକ୍ଷ, ପ୍ରହଲ୍ଲାଦ ପତି ଓ ପ୍ରମୋଦ କୁମାର ଦାସ ସହ ସମ୍ପାଦକ, ତୁଷାରକାନ୍ତ ବିଶ୍ୱାଳଙ୍କୁ ପାଠଗାର ସମ୍ପାଦକ ଓ ନଳିନିପ୍ରଭା ଦାସଙ୍କୁ ସହପାଠାଗାର ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ସେହିଭଳି ଅନ୍ୟ ୨୦ଜଣଙ୍କୁ କାର୍ଯ୍ୟାକାରିଣୀ ସଭ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ସାମ୍ବାଦିକ କିଶୋରଙ୍କୁ ସହାୟତାର ହାତ ବଢାଇଲେ ବିଧାୟକ



ଖଇରା,(ନିପ୍ର) ୨୯।୪:ବାଲେଶ୍ୱର ଜିଲା ଖଇରା ବ୍ଲକ ର କାର୍ଯ୍ୟରତ ସାମ୍ବାଦିକ କିଶୋର କୁମାର ବେହେରା ୧ବର୍ଷ ଧରି କିଡନୀ ରୋଗରେ ଆକ୍ରାନ୍ତ ହେବା ପରେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏଭଳି ବେସାହାରା ସମୟରେ ରେ ଦେବଦୁତ ସାଜି ସହାନୁଭୁତି ସହ ସହଯୋଗର ହାତ ବଢାଇଛନ୍ତି ପୁର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଶନିବାର ପୁର୍ବାହ୍ନରେ ହସପିଟାଲରେ ପହଁଚି ସାମ୍ବାଦିକଙ୍କୁ ଭେଟି ସମବେଦନା ଜଣାଇବା ସହତ ଚିକିତ୍ସା ସମ୍ବନ୍ଧରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଆର୍ଥିକ ସହଯୋଗର ପ୍ରତିଶୃତି ଦେବା ସହ ଦରକାର ପଡିଲେ ତାଙ୍କ ସରକାରୀ ଘରେ ରହି ଚିକିତ୍ସିତ ହେବାକୁ ପ୍ରକାଶ କରିଥିଲେ । ବିଧାୟକଙ୍କ ଏଭଳି ଆନ୍ତରିକତାକୁ ନେଇ ଖଇରା ସାମ୍ବାଦିକ ସଂଘ,ସିମୁଳିଆ ପ୍ରେସ କ୍ଲବ, ଓଡିଶା ସାମ୍ବାଦିକ ୟୁନିୟନ ଓ ଉତ୍କଳ ସାମ୍ବାଦିକ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।ଏହି ସହାୟତା ପାଇଁ ଅଂଚଳ ବାସୀ ବିଧାୟକ ଙ୍କୁ ପ୍ରଶଂସା କରି ସୁସ୍ଥ ରହିବା ସହିତ ଦୀର୍ଘାୟୁ କାମନା କରିଛନ୍ତି।

# ଅଗ୍ନିକାଣ୍ଡରେ ୨ବଖରା ଘର ପୋଡ଼ି ପାଉଁଶ, ଜଣେ ଆହତ

ନୀଳଗିରି ,୩୦।୪(ନି.ପ୍ର): ଭୟାବହ ଅଗ୍ନିକାଣ୍ଡରେ ୨ ବଖରା ଘର ପୋଡ଼ି ପାଉଁଶ ଓ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ନୀଳଗିରି ବ୍ଲକ ଜଡ଼ିଦା ପଂଚାୟତର ପୋଡ଼ାଶୁଳ ଗ୍ରାମର ଅଙ୍କୁର ଚରଣ ମଥାନ ଗତକାଲି ଘରେ ଖାଇପିଇ ଶୋଇଥିବା ବେଳେ ରାତ୍ର ପ୍ରାୟ ୩ଟା ସମୟରେ କୌଣସି କାରଣରୁ ଘରେ ନିଆଁ ଲାଗି ଘରର ସମସ୍ତ ଆସବାବପତ୍ର , ଧାନଚାଉଳ, ଟଙ୍କା, ସରକାରୀ କାଗଜପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଛି । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଖବର ପାଇ ନୀଳଗିରି ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ କରିଥିଲେ । ଘରେ ଥିବା ଆସବାବତ୍ର ବାହାରକୁ ବାହାର କରୁଥିବା ବେଳେ ଅଙ୍କୁର ପୁତ୍ର ନିଆଁ ଝୁଲ ପଡ଼ି ଆହତ ହୋଇଥିବା ଜଣାପଡ଼ିଛି । ଖବରପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପହଂଚି ପଲିଥିନ , ଚଦର, ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସେହିଭଳି ଉତ୍କଳମଣି ନିସ୍ୱାର୍ଥ ସେବା ସଂଗଠନର ପ୍ରତିଷ୍ଠାତା ଅମୂଲ୍ୟ ଜେନା, ମହାବିର ଫାଉଣ୍ଡେସନର ପ୍ରତିଷ୍ଠାତା ବିଦ୍ୟାଧର ବାରିକ ଓରଫ ମଂଟୁ କ୍ଷତିଗ୍ରସ୍ତ ପରିବାରକୁ ଭେଟି ବସ୍ତ୍ର, ରାସନସାମଗ୍ରୀ ଓ ଆର୍ଥିକ ସାହାଯ୍ୟ ଦେଇଛନ୍ତି । ଘଟଣାସ୍ଥଳରେ ନୀଳଗିରି ତହସିଲଦାର ରଂଜନ ବେହେରା ପହଂଚି ପଲିଥିନ ଯୋଗାଇବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରତିଶୃତି ଦେଇଛନ୍ତି ।

# 'ମହାବାହୁ' ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ




ଉଦଳା, ୩୦/୦୪ (ନି.ପ୍ର):- ଭକ୍ତି ଜ୍ଞାନ ସଂଚାର ସେବା ସମିତି ଉଦଳା ଆନୁକୁଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ରଥଯାତ୍ରା ବିଶେଷାଙ୍କ 'ମହାବାହୁ' ପ୍ରକାଶନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଏପ୍ରିଲ ୩୦ ତାରିଖ ରବିବାର ଦିନ ସ୍ଥାନୀୟ ଓକିଲ ସଂଘ ବୈଠକ ଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସେବା ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ ଉକ୍ତ ବୈଠକର ଆବାହକ ଥିବା ବେଳେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଓ ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ 'ମହାବାହୁ' ପ୍ରକାଶନ ପାଇଁ ସବୁ ପ୍ରକାର ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶୃତି ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ଡ଼କ୍ଟର ଶ୍ୟାମ ସୁନ୍ଦର ପଣ୍ଡା, ପ୍ରଭାତ ପରିଡ଼ା, ଉପେନ୍ଦ୍ରନାଥ ପୁହାଣ, ସନ୍ତୋଷ ବାଛିନୀ, ସୁବ୍ରତ କୁମାର ମହାନ୍ତି, ଇଂ. ସୁଶାନ୍ତ ବେହେରା ପ୍ରମୁଖ ମହାବାହୁର କଳେବର, ଲେଖା ସଂଗ୍ରହ ଓ ପ୍ରକାଶନ ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ 'ମହାବାହୁ'ର ମୁଖ୍ୟ ସଂପାଦକ ଡ଼କ୍ଟର ଦିଲ୍ଲିପ କୁମାର ଦିକ୍ଷିତ, ସଂପାଦକ ରବିକାନ୍ତ ମହାପାତ୍ର ଓ ସହସଂପାଦକ ଭାବରେ ଦିଲ୍ଲିପ କୁମାର ପ୍ରମାଣିକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଲେଖା ସଂଗ୍ରହର ଶେଷ ତାରିଖ ମେ ମାସ ୨୦ ତାରିଖ ରଖା ଯାଇଛି । ଲେଖା ପଠାଇବାର ଠିକଣା – ରବିକାନ୍ତ ମହାପାତ୍ର, ସଂପାଦକ- 'ମହାବାହୁ', ୱାର୍ଡ଼ ନଂ-୨, ଡ଼ାକଘର- ଉଦଳା, ଜିଲ୍ଲା- ମୟୂରଭଞ୍ଜ, ପିନ-୭୫୭୦୪୧ ରହିଛି । ପତ୍ରୀକା ସମ୍ପର୍କରେ ଅଧିକ କିଛି ଜାଣିବା ପାଇଁ ଚାହିଁଲେ ମୋବାଇଲ ନଂ- ୯୪୩୮୨୦୦୮୩୬ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ଆଜିର ପ୍ରସ୍ତୁତି ବୈଠକକୁ ସଫଳ କରିବା ପାଇଁ ନମିତା ରାଉତ, ଶରତ ଚନ୍ଦ୍ର ଦାସ, ଜଗବନ୍ଧୁ ପ୍ରଧାନ, ସର୍ବେଶ୍ୱର ମହାପାତ୍ର, ରାଜାରାମ ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ଲଳିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ଶ୍ରମିକ ଦିବସ ସ୍ୱାଗତରେ ମଶାଲ ଶୋଭାଯାତ୍ରା



ବାଲେଶ୍ୱର,୩୦।୪(ନି.ପ୍ର): ବିଶ୍ୱ ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଶ୍ରମିକ ସଂଗଠନ ସମନ୍ୱୟ ସମିତି 'ଟିୟୁଏସିସି' ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରମିକଙ୍କୁ ନେଇ ଏହି ମଶାଲ ମୋଟରସାଇକଲ ଶୋଭାଯାତ୍ରା ଗୋଲାପୋଖରୀ ନିକଟ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସହରର ମୋତିଗଞ୍ଜ ବଜାର, ସିନେମା ଛକ, ଷ୍ଟେସନ ବଜାର, ଫକୀରମୋହନ ଗୋଲେଇ, ସହଦେବଖଣ୍ଟା ବସ୍‌ଷ୍ଟାଣ୍ଡ ଅତିକ୍ରମ କରି ନୂଆସାହି ଦୁର୍ଗାମଣ୍ଡପ ନିକଟରେ ସମାପ୍ତ ହୋଇଥିଲା।ଏଥିରେ ମଇ ଦିବସ କମିଟିର ସମ୍ପାଦକ ରବିନାରାୟଣ ମିଶ୍ର, ଟିୟୁଏସିସିର ସଭାପତି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, 'ସିଟୁ'ର ରାଜ କିଶୋର ଲେଙ୍କା, ପ୍ରେମରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ଜେନା, ଏଆଇଟିୟୁସିର ଶରତ ଦଳେଇ, ବନ୍ଦନା ବିଶ୍ୱାସ, ଜଗଦୀଶ ବେହେରା, ଭରତ ସେଠୀ, ମନ୍ମଥ ପରିଡ଼ା, ଲକ୍ଷ୍ମୀଧର ଗିରି, ଆଶୁତୋଷ ପରିଡ଼ା, ଆଇଏନ୍‌ଟିୟୁସିର ବିକାଶ ଦାସ, ରାଜେନ୍ଦ୍ର ଦାସ, ଚାଷୀ ଏକତା ମଞ୍ଚ ସଭାପତି ଅରୁଣ ଜେନା, ଯତୀନ୍ ପାତ୍ର ଏବଂ ଏଆଇଟିୟୁସିର ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଆସନ୍ତାକାଲି ସକାଳ ୭ଟାରେ ବିଚାରଗଞ୍ଜ ଫାଣ୍ଡି ଛକରେ ମଇଦିବସ ପତାକା ଉତ୍ତୋଳନ ପରେ ବିଭିନ୍ନ ସଂଗଠନ ପକ୍ଷରୁ ସହରର ଏକାଧିକ ସ୍ଥାନରେ ମଇଦିବସ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ ମିନିଟରେ ବାଲେଶ୍ୱର ଷ୍ଟେସନ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗାନ୍ଧୀସ୍ମୃତି ଭବନ ସମ୍ମୁଖରେ ପହଞ୍ଚିବ। ସେଠାରେ ମଇ ଦିବସ ପାଳନ ଓ ଶ୍ରମିକ ଶ୍ରେଣୀର ଦୀର୍ଘ ଲଢ଼େଇର ଇତିହାସ ଏବଂ ଆଜି ଶ୍ରମିକଶ୍ରେଣୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯିବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo